### ବିର୍ଲା ଟାୟାର୍ସ କାରଖାନା

# ମାଲିକାନା ପରିବର୍ତ୍ତନକୁ ୫ ମାସ; କାମ ଆରମ୍ଭ ହେଉନି

ବାଲେଶ୍ୱର, ୬।୩(ସମିସ):



ଭବିଷ୍ୟତକୁ ନେଇ ଅନ୍ଧାରରେ ଶ୍ରମିକ

ଦୀର୍ଘଦିନ ବନ୍ଦ ରହିବା ପରେ ବିର୍ଲା ଟାୟାର୍ସ କାରଖାନାର ମାଲିକାନା ବଦଳିଲା। ଡାଲମିଆ ଭାରତ ଓ ହିମାଦ୍ରୀ ସ୍ପେଶାଲିଷ୍ଟ କେମିକାଲ ଲିମିଟେଡ଼ ଏହି କାରଖାନାର ସତ୍ତ୍ୱାଧିକାରୀ ଦାୟିତ୍ୱ ଗ୍ରହଣ କଲେ। ନୂଆ ମାଲିକଙ୍କ ତରଫରୁ କାରଖାନା ଶୀଘ୍ର ଚାଲିବାକୁ ନେଇ ଶ୍ରମିକ ମାନେ ମଧ୍ୟ ଆଶ୍ୱସ୍ତି ଅନୁଭବ କଲେ। ମାତ୍ର ମାଲିକାନା ପରିବର୍ତ୍ତନ ହେବାର ପାଞ୍ଚ ମାସ ଅତିବାହିତ ହେଇଯାଇ ଥିଲେବି, କାରଖାନା ଚାଲିଲା ନାହିଁ। ତେବେ କାରଖାନା ଚାଲିବାକୁ ନେଇ ଶ୍ରମିକ ମାନେ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ଏହି ସ୍ୱପ୍ନ ସମ୍ପ୍ରତି ପଦ୍ମ ଘୁଞ୍ଚିଘୁଞ୍ଚି ଗଲାଭଳି ଲାଗୁଛି। ଏବେ ବି ଭବିଷ୍ୟତ ଅନ୍ଧାରରେ ରହିବାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଶ୍ରମିକ ମାନେ।

ଅତୀତରେ ବିର୍ଲା ଟାୟାର୍ସର ଏହି ୟୁନିଟ ଦେଶର ଶିଳ୍ପ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ବିଭିନ୍ନ କାରଣ ପାଇଁ ଏହି କାରଖାନା ବନ୍ଦହେଇଯାଇଥିଲା। ଏଠାରେ କାର୍ଯ୍ୟ କରୁଥିବା ଚାରି ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ମାନଙ୍କ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି କାରଖାନା ଉପରେ ନିର୍ଭର କରୁଥିବା ପ୍ରାୟ ୧୦ ହଜାର ଲୋକ ଜୀବିକା ହରାଇ ବସିଥିଲେ। ତେବେ କାରଖାନାକୁ ପୁଣି ଥରେ ଚାଲୁ କରିବା ପାଇଁ ଦଶଟି ଶ୍ରମିକ ସଙ୍ଗଠନ ପକ୍ଷରୁ ଜାତୀୟ କମ୍ପାନୀ ଆଇନ ପ୍ରାଧିକରଣ (ଏନସିଏଲଟି) ର ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରମିକ ମାନଙ୍କ ଜୀବନ ଜୀବିକାକୁ ଗୁରୁତ୍ୱଦେଇ ଏହି କାରଖାନାକୁ ପୁଣି ଥରେ ଚାଲୁ ରଖିବା ପାଇଁ ଉଦ୍ୟମ ଆରମ୍ଭ ହେଇଥିଲା। ଶେଷରେ ୧୯ ଅକ୍ଟୋବର ୨୦୨୩ରେ ଡାଲମିଆ ଓ ହିମାଦ୍ରୀ ସ୍ପୋସ୍ଲାଇଟ ପ୍ରାଇଭେଟ ଲିମିଟେଡ଼କୁ କାରଖାନାକୁ ଚଳାଇବା ପାଇଁ ଅନୁମତି ମିଳିଥିଲା। ଏହା ଭିତରେ ପାଞ୍ଚ ମାସ ବିତି ଗଲାଣି। ହେଲେ କାରଖାନାର ଗୋଟିଏ ବି ବିଭାଗ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଇ ନାହିଁ। ବିର୍ଲା ଟାୟାର୍ସ କାରଖାନାରେ ୧୨ରୁ ଉର୍ଦ୍ଧ୍ୱ ବିଭାଗ ରହିଛି। ହେଲେ କୌଣସି ଗୋଟିଏ ବିଭାଗ କାର୍ଯ୍ୟକ୍ଷମ ହେଇ ନଥିବା ଯୋଗୁଁ ଶ୍ରମିକ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଅପରପକ୍ଷରେ କାରଖାନା ଚଳାଇବାର ଦାୟିତ୍ୱ ନୂତନ ମାଲିକାନାକୁ ମିଳିବା ପରେ ପ୍ରଥମେ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ଲାଗି ଏନସିଏଲଟି ନିର୍ଦ୍ଦେଶ ଦେଇଥିଲେ। ମାତ୍ର କାରଖାନାର ନୂତନ ମାଲିକଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଏ ବାବଦରେ ଆଲୋଚନା କରାଯାଇ ନଥିବା ଶ୍ରମିକ ସଙ୍ଗଠନ ଗୁଡିକର ନେତୃବୃନ୍ଦ ମାନେ ଅଭିଯୋଗ କରିଛନ୍ତି। ପୁଣି ଏହା ଭିତରେ ନୂତନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କାରଖାନାରେ କୋଡିଏ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ କାର୍ଯ୍ୟ କରି ଆସିଥିବା ଶ୍ରମିକ ମାନଙ୍କୁ ନିଯୁକ୍ତି ନଦେଇ ତାଙ୍କ ସ୍ଥାନରେ ନୂଆ ଲୋକ ମାନଙ୍କୁ ନିଯୁକ୍ତି ଦେବା ନେଇ ପୁରୁଣା ଶ୍ରମିକ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କାରଖାନାର ନୂତନ କର୍ତ୍ତୃପକ୍ଷ ଏନସିଏଲଟି ର ସର୍ତ୍ତକୁ ଅବମାନନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ମାନେ କହିଛନ୍ତି। ତେବେ କାରଖାନା ଚଳାଇବାର ଦାୟୀତ୍ୱ ନେଇଥିବା ନୂଆ ସଂସ୍ଥା ଦୁଇଟି ଯଦି କିଛି ବେଆଇନ କାର୍ଯ୍ୟ କରନ୍ତି, ତାହେଲେ ଶ୍ରମିକ ମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଙ୍ଗଠନ ଗୁଡିକ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ବିର୍ଲା ଟାୟାର୍ ୱାର୍କସ ୟୁନିୟନର ସଭାପତି ରାଜେନ୍ଦ୍ର ବଳ କୁହନ୍ତି, କାରଖାନା ଚଳାଇବା ଦାୟିତ୍ୱ ନେଇଥିବା ହିମାଦ୍ରୀ ଓ ଡାଲମିଆ କମ୍ପାନୀ କର୍ତ୍ତୃପକ୍ଷ ଏନସିଏଲଟି ଆଇନକୁ ଖୋଲାଖୋଲି ଉଲ୍ଲଘଂନ କରୁଛନ୍ତି। ନିୟମ ମୁତାବକ ନୂଆ ସଂସ୍ଥା ଯେଉଁ ଦିନ ଠାରୁ କାରଖାନା ଚଳାଇବା ଦାୟିତ୍ୱ ନେଲେ, ସେହି ଦିନ ଠାରୁ ସେମାନେ ପୁରୁଣା ଶ୍ରମିକ ଓ କର୍ମଚାରୀ ମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା କଥା। ନିୟମାନୁଯାୟୀ ଯଦି କାର୍ଯ୍ୟରେ ନିୟୋଜିତ ନ କରିବେ, ତାହେଲେ ମାସିକ ଦରମା ପ୍ରଦାନ କରିବେ। ମାତ୍ର ନୂତନ ସଂସ୍ଥା ଦ୍ୱୟ ତାହା କରୁ ନଥିବା ଶ୍ରୀ ବଳ ଅଭିଯୋଗ କରିଛନ୍ତି।

# ରାଜ୍ୟସ୍ତରୀୟ ମାର୍କୋଣା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ସିମୁଳିଆ, ୬।୩ (ସମିସ): ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ କ୍ରିକେଟ ଅନୁଷ୍ଠାନ ସିମୁଳିଆ ବ୍ଲକର ମାର୍କୋଣା ଫ୍ରେଣ୍ଡ୍ସ କ୍ଲବ ପକ୍ଷରୁ ତୃତୀୟ ବାର୍ଷିକ ରାଜ୍ୟସ୍ତରୀୟ ମାର୍କୋଣା ପ୍ରିମିୟର ଲିଗ ଆଜି ଉଦଘାଟିତ ହୋଇଯାଇଛି। ଆଜିର ଉଦଘାଟନୀ ଦିବସ ଅନୁଷ୍ଠିତ ତିନୋଟି ମ୍ୟାଚ ମଧ୍ୟରୁ ଲୁଟୁ ୱାରୀୟର୍ସ ଅନୁଗୁଳକୁ ହରାଇ ଭଦ୍ରକ ଇମେଜ ଇଲେଭେନ ଫାଇନାଲକୁ ଉନ୍ନୀତ ହୋଇଛି। ଫ୍ରେଣ୍ଡ୍ସ କ୍ଲବ ପକ୍ଷରୁ ମାର୍କୋଣା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚଳିତ ବର୍ଷ ତିନି ଦିନ ଧରି ମାର୍କୋଣା ପ୍ରିମିୟମ ଲିଗ ଆୟୋଜନ କରାଯାଇଛି। କ୍ଲବ ପକ୍ଷରୁ ଶୋଭାଯାତ୍ରା ମାଧ୍ୟମରେ ପ୍ରିମିୟମ କପ୍‌କୁ ଷ୍ଟାଡିୟମ କୁ ଅଣାଯାଇଥିଲା। ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସିମୁଳିଆ ଥାନା ଆଇ ଆଇ ସି ସ୍ୱର୍ଣ୍ଣଲତା ମିଞ୍ଜି ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ସବ ଇନ୍ସପେକ୍ଟର ଦିଲ୍ଲୀପ କୁମାର ସାମଲଙ୍କୁ ସ୍ୱାଗତ କରାଯାଇ ମଞ୍ଚ କୁ ନିଆଯାଇଥିଲା। ଉଦଘାଟନୀ ମ୍ୟାଚରେ ଅଂଶ ଗ୍ରହଣ କରିଥିବା ଇମେଜ ଇଲେଭେନ ଏବଂ ଏମ ଯେ ସି ସି, କଟକ ଟିମ ର ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ରିବନ କାଟି ଖେଳ କୁ ଉଦଘାଟନ କରିବା ପରେ ପ୍ରଥମ ମ୍ୟାଚ ଆରମ୍ଭ ହୋଇଥିଲା। ଆଜି ୪ ଟି ଟିମ ମଧ୍ୟରେ ଖେଳ ହୋଇଥିଲା। ଇମେଜ ଇଲେଭେନ ଏବଂ କଟକ ଟିମ ମଧ୍ୟରୁ ଇମେଜ ଇଲେଭେନ ସେମିଫାଇନାଲ କୁ ଉନ୍ନୀତ ହୋଇଥିଲା ଏବଂ ଦ୍ୱିତୀୟ ମ୍ୟାଚ ରେ ଲୁଲୁ ୱାରୀୟର୍ସ ଓ ଅନୁଗୁଳ ଲୁଟୁ ୱାରିୟର୍ସ ମଧ୍ୟରୁ ଲୁଟୁ ୱାରିୟର୍ସ ସେମିଫାଇନାଲ କୁ ଉନ୍ନୀତ ହୋଇଥିଲା। ସେମିଫାଇନାଲ ରେ ଲୁଟୁ ୱାରିୟର୍ସ ୧୦ ଓଭର ରେ ୧୫୦ ରନ ସଂଗ୍ରହ କରିଥିଲା ହେଲେ ପ୍ରତିପକ୍ଷ ଟିମ ଇମେଜ ଇଲେଭେନ ସଂଘର୍ଷ କରି ଶେଷ ଓଭର ରେ ନିଜର ଲକ୍ଷ୍ୟ ସ୍ଥଳରେ ପହଁଚି ବିଜୟୀ ହୋଇ ପ୍ରଥମ ଟିମ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। କ୍ରୀଡା ଶିକ୍ଷକ ବିଘ୍ନୁଦତ୍ତ ରଥ, କିଷାନ ମନୋହର, ଶଶିକାନ୍ତ ନାୟକ ଖେଳ ପରିଚାଳନା କରିଥିଲେ। ମାର୍କୋଣା ପ୍ରିମିୟମ ଲିଗ ଖେଳକୁ ୟୁଟ୍ୟୁବ ଚେନାଲ କ୍ରିକେଟ ବାଣୀ ମାଧ୍ୟମରେ ସିଧାପ୍ରସାରଣ କରାଯାଉଛି। ଏହି ଏମ ପି ଏଲ ରେ ଓଡ଼ିଶାର ଆଗ ଧାଡିରେ ଥିବା ୮ ଟି ଟେନିସ ଟିମ ଅଂଶ ଗ୍ରହଣ କରୁଥିବାର ସୂଚନା ମିଳିଛି। ଉଦଘାଟନୀ ସଭାକୁ ଯୁବ ସମାଜସେବୀ ସାମ୍ବାଦିକ ଗଦାଧର ଜେନା ପରିଚାଳନା କରିଥିବାବେଳେ ଅନୁଷ୍ଠାନ ପକ୍ଷରୁ ପ୍ରହଲ୍ଲାଦ ନାୟକ ଖେଳ ବିବରଣୀ ପ୍ରଦାନ କରିଥିଲେ। ମାର୍କୋଣା ଫ୍ରେଣ୍ଡସ କ୍ଲବ ପକ୍ଷରୁ ସମସ୍ତ କର୍ମକର୍ତ୍ତା ଏବଂ ସଭ୍ୟ ମାନେ ସହଯୋଗ କରିଥିଲେ।

# ଓଲଟିଲା ବାଲି ବୋଝେଇ ଡମ୍ଫର



ସୋର, ୬।୩ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ବୁଧବାର ସକାଳେ ଏକ ବାଲି ବୋଝେଇ ଡମ୍ଫର ରାସ୍ତା ଉପରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣାପଡ଼ିଛି। ଡମ୍ଫରଟି ଭଦ୍ରକରୁ ବାଲି ବୋଝେଇ କରି ରେମୁଣା ଅଭିମୁଖେ ଯାଉଥିବା ବେଳେ ଏହି ସ୍ଥାନରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଏହାର ଚାଳକ ଏବଂ ଖଲାସୀ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। କିଛି ସମୟ ପାଇଁ ରାସ୍ତା ଜାମ ହୋଇଯାଇଥିବା ବେଳେ ଖବର ପାଇ ଜାତୀୟ ରାଜପଥ ପୁଲିସ ଏବଂ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଉତ୍ସବ



ସୋର, ୬।୩(ସମିସ): ସୋର ବ୍ଲକ ପାଖର ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଉତ୍ସବ ମୋ ସ୍କୁଲ ପରିଚାଳନା କମିଟି ସଭାପତି ଭୋଳାନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଖର ପଞ୍ଚାୟତ ସରପଞ୍ଚ ପଦ୍ମାଳୟା ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନେ ସମସ୍ତ ସୁବିଧା ସୁଯୋଗକୁ ବିନିଯୋଗ କରି ଭବିଷ୍ୟତରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ନାୟକ ଉପସ୍ଥିତ ସଦସ୍ୟ ଏବଂ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟରେ ମୋ ସ୍କୁଲ ମାଧ୍ୟମରେ ହୋଇଥିବା ବିଭିନ୍ନ ପ୍ରକାର ପ୍ରକଳ୍ପକୁ ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ବର୍ତ୍ତମାନର ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ବିଦ୍ୟାଳୟ ରୂପାନ୍ତରଣ ମାଧ୍ୟମରେ ହୋଇଥିବା ସ୍ମାର୍ଟ ଶ୍ରେଣୀଗୃହ, ସ୍ମାର୍ଟ ବିଜ୍ଞାନଗାର, ସ୍ମାର୍ଟ ପାଠାଗାର, ଉନ୍ନତ ମାନର ଖେଳ ପଡ଼ିଆ, ପାନୀୟ ଜଳର ବ୍ୟବସ୍ଥା ଏବଂ ଆଇସିଟି ଲ୍ୟାବକୁ ପରିଦର୍ଶନ କରି ପ୍ରାକ୍ତନ ଛାତ୍ରଛାତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆଯାଇଥିବା ଧନ୍ୟବାଦ ପତ୍ର ସଦସ୍ୟ ସଦସ୍ୟାମାନଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚକ୍ରଧର ଶଙ୍ଖୁଆ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପଞ୍ଚାୟତିରାଜ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ବନ୍ଦନା ମଳିକ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ, ଆମନ୍ତ୍ରିତ ଅତିଥି, ମୋ ସ୍କୁଲ କମିଟି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୃସିଂହ ଚରଣ ମହାଳିକ, ତାପସ ମହାପାତ୍ର, ଚନ୍ଦ୍ରକାନ୍ତ ମହାପାତ୍ର, ଫୁରୁଦ୍ଦିନ ସାହା, ସସ୍ମିତା ସାହୁ ଓ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି ସଭାକୁ ପରିଚାଳନା କରିଥିଲେ।

# ଡିଭାଇଡରରେ ପିଟିହୋଇ ୩ ଆହତ

ସୋର, ୬।୩ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଡିଭାଇଡରକୁ ଧକ୍କା ଦେବା ଫଳରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ଆଜି ସକାଳେ ମୁଗୁନିପୁର ଗ୍ରାମର ସନାତନ ମାରାଣ୍ଡି ଏବଂ ତାଙ୍କ ସ୍ତ୍ରୀ ପାର୍ବତୀ ମୁର୍ମୁ ଏବଂ ତାଙ୍କର ଏକ ଛୋଟ ପିଲାଙ୍କୁ ଧରି ବାଇକରେ ସୋର ରୁ ଗ୍ରାମକୁ ଫେରୁଥିବା ବେଳେ ଏହି ସ୍ଥାନରେ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇଥିଲେ। ଫଳରେ ପାର୍ବତୀ ଗୁରୁତର ଆହତ ହୋଇଥିବା ବେଳେ ସନାତନ ଏବଂ ଛୋଟ ପିଲାଟି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପାର୍ବତୀଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ମହିଳାଙ୍କୁ କିରାସିନି ଢାଳି ହତ୍ୟା ଉଦ୍ୟମ

ଚୌକି, ୬।୩(ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ନିମାତପୁର ପଞ୍ଚାୟତର କୁଟିଲାଡାଙ୍ଗ ଗ୍ରମରେ ଜନୈକା ବିବାହିତ ମହିଳାଙ୍କୁ କିରୋସିନି ଢ଼ାଳି ହତ୍ୟା କରାଯିବା ଉଦ୍ୟମ ହୋଇଥିବା ଜଣାପଡ଼ିଛି। ମହିଳା ଜଣକ କୌଶଳ କ୍ରମେ ଝରକା ଦେଇ ବାହାରକୁ ବାହାରି ଯାଇଥିବାରୁ ମୃତ୍ୟୁମୁଖରୁ ବଞ୍ଚିଯାଇ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ଗ୍ରାମର ଦୀପକ୍ ପାତ୍ରଙ୍କ ପତ୍ନୀ ଦୁର୍ଗାମଣି ପାତ୍ର ଘରେ ଏକା ଥିଲା ସମୟରେ ତାଙ୍କର ଶାଶୁ, ଦିଅର କିରୋସିନି ଡାଳି ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଦୁର୍ଗାମଣି ଙ୍କୁ ଘରେ ପୁରାଇ ବାହାରୁ କବାଟ ବନ୍ଦ କରିଦେଇ ଥିଲେ। ମାତ୍ର ସେ କୌଶଳ କ୍ରମେ ଝରକା ଦେଇ ବାହାରି ଆସିବା ସହ ନିଜର ଦେଢବର୍ଷ ଝିଅକୁ ନେଇ ଭୋଗରାଇ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମୀ ପାଟଣା ଫାଣ୍ଡି ଅଧିକାରୀ ଅଶୋକ ଦାସ ଅଭିଯୋଗକାରିଣୀ ଘରକୁ ଯାଇ ତଦନ୍ତ କରୁଥିବା ସୂଚନା ମିଳିଛି।

# ଦୁର୍ଘଟଣାରେ ଯୁବକ ଗୁରୁତର

ସୋର, ୬।୩(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ବୁଧବାର ସକାଳେ ଏକ ଅଜଣା ଗାଡି ଧକାରେ ଜଣେ ଅଜଣା ଯୁବକ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆଜି ସକାଳେ ଏହି ବ୍ୟକ୍ତି ଜଣଙ୍କ ଉତ୍ତରେଶ୍ୱର ଜାତୀୟ ରାଜପଥରେ ବୁଲୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଛନ୍ତି। ଏବେ ବ୍ୟକ୍ତି ଜଣଙ୍କ ସେଠାରେ ଚିକିତ୍ସିତ ହେଉଥିବା ବେଳେ ସେ କିଛି କହି ପାରୁନଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ।

### ଗ୍ରାମ୍ୟ ଉନ୍ନୟନ ବିଭାଗର ବିଚିତ୍ର ନୀତି

# ମଝିରାସ୍ତାରୁ ଗଛ ନ କାଟି ନିର୍ମାଣ ହେଲା ରାସ୍ତା

ବାଲେଶ୍ୱର (ଉତ୍ତର), ୬।୩ (ସମିସ) :



ବିଜ୍ଞାନ ଯୁଗରେ ବି ସମାଜରୁ ଅନ୍ଧବିଶ୍ୱାସ ଲୋପ ପାଇ ନାହିଁ। ଖୋଦ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମାନଙ୍କୁ ମଧ୍ୟ ଏଥିରେ କବଳିତ ହୋଇଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ ବେଳେ ଦୀର୍ଘଦିନର ପୁରୁଣା ଗଛରେ ଠାକୁରାଣୀ ଥିବା କାରଣରୁ ରାସ୍ତା ମଝିରେ ଥିବା ସେହି ଗଛକୁ ନ କାଟି ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଜଳେଶ୍ୱରପୁର ଚଟାଣ ଛକ ଠାରୁ ପାଲୁସିଆ ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କରେ। ରାସ୍ତା ମଝିରେ ସେହି ପୁରାତନ ଗଛଟି ଏଭଳି ଅବସ୍ଥାରେ ରହିଛି ତାହା ବର୍ତ୍ତମାନ ପଥଚାରୀ ମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି।

ପ୍ରକାଶ ଯେ, ଦେହୁର୍ଦ୍ଧା ଥାନା ଛକ ଠାରୁ ଭୋଗରାଇ ହାଟ ପୂର୍ତ୍ତ ବିଭାଗ ରାସ୍ତାର ଜଳେଶ୍ୱରପୁର ଚଟାଣ ଛକ ଠାରୁ ଏହି ରାସ୍ତା ପାଲୁସିଆ ଏବଂ ନାଇଦୋଳିକୁ ସଂଯୋଗ କରୁଛି। ଏହି ରାସ୍ତାରେ ପ୍ରତିଦିନ ୧୫ରୁ ଅଧିକ ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ଏହା ଛଡ଼ା ଏହି ରାସ୍ତା ଦେଇ ଭାରୀ ଯାନ ମଧ୍ୟ ଚଳାଚଳ କରିଥାଏ। ଗତ ପ୍ରାୟ ୧୨ରୁ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରେ ରାସ୍ତା ନିର୍ମାଣ ହୋଇଥିଲା। ଛକ ଠାରୁ ମାତ୍ର ୨ଶହ ମିଟରେ ପରେ କୁମାର ଜାଲିନା ଗାଁ ଛକ ଠାରେ ବହୁ ପୂର୍ବରୁ ରାସ୍ତା କଡ଼ରେ ଥିବା ଏକ କୁଚିଲା ଓ ଅଶ୍ୱସ୍ଥ ଗଛ ମୂଳରେ ଗ୍ରାମଚଣ୍ଡୀ ପୂଜା ପାଇଆସୁଥିଲେ। ମାତ୍ର ଯେତେବେଳେ ନୂତନ ରାସ୍ତା ନିର୍ମାଣ ଆରମ୍ଭ ହେଲା ଗଛ ମୂଳରୁ ପୂଜା ପାଉଥିବା ଠାକୁ ରାଣୀଙ୍କୁ ସ୍ଥାନାନ୍ତର କରାଯିବା ସହ ନିକଟରେ ଏକ ମନ୍ଦିର ନିର୍ମାଣ କରି ସେଠାରେ ଅବସ୍ଥାପିତ କରାଯାଇ ଥିଲା। ମାତ୍ର ଗଛରେ ଠାକୁରାଣୀ କାଳେ ଅଛନ୍ତି ବୋଲି ଆଉ ଗଛକୁ କଟା ଗଲା ନାହିଁ। କଟା ହେଲେ ଅନିଷ୍ଟ ହେବ ତେଣୁ ଗଛ ପାର୍ଶ୍ୱ ଦେଇ ରାସ୍ତାକୁ ଅଣ ଓସାରିଆ କରି ନିର୍ମାଣ ଦାୟିତ୍ୱ ରେ ଥିବା ଠିକାଦାର ଚାଲିଗଲା। ସେତେବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ର କୌଣସି ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଲେନି। ଅନ୍ୟପକ୍ଷରେ ସେହି ରାସ୍ତା ଏବେ ବିଭାଗ ପକ୍ଷରୁ ପ୍ରଶସ୍ତି କରଣ କରାଯାଉଥିବା ବେଳେ ପୁଣି ଗଛକୁ ସେଠାରୁ ନ କାଟି ଗଛର ଦୁଇ ପାର୍ଶ୍ୱରେ ଅଣ ଓସାରିଆ ରାସ୍ତା ନିର୍ମାଣ କରାଯାଇଛି। ଯାହା ସେଠାରେ ଦୈନିକ ଯାତାୟାତ କରୁଥିବା ହଜାର ହଜାର ଲୋକ ଙ୍କ ପାଇଁ ବିପଦ ଶଙ୍କୁଳ ପରିସ୍ଥିତି ସୃଷ୍ଟି କରିଛି। ତୁରନ୍ତ ସେଠାରୁ ସେହି ଗଛକୁ କଟା ଯିବାକୁ ସାଧାରଣରେ ଦାବି ହୋଇଛି।




# ସୀତାରାଣୀ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରୀ

ଶ୍ରଦ୍ଧାପୁର, ୬।୩ (ସମିସ): ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ସରପଞ୍ଚ ପାର୍ଥି ସୀତାରାଣୀ ସେନାପତିଙ୍କୁ ପୁଣି କୋର୍ଟ ବିଜୟୀ ଘୋଷଣା କରିଥିବା ଖବର ଶୁଣି ତାଙ୍କ ସମର୍ଥକ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ପ୍ରକାଶ ଯେ ଗତ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଉକ୍ତ ପଞ୍ଚାୟତରୁ ସରପଞ୍ଚ ପ୍ରାର୍ଥୀନୀ ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ଶ୍ରୀମତୀ ସେନାପତି ୧୮୫୪ ଖଣ୍ଡ ଭୋଟ ପାଇଥିଲା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ରାଧାରାଣୀ ବେହେରା ୧୮୫୦ ଖଣ୍ଡ ପାଇଥିଲେ। ମାତ୍ର ନିର୍ବାଚନ ପରିଚାଳନା କରୁଥିବା ପ୍ରଶାସନ ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ଚଞ୍ଚକତା ପୂର୍ବକ ପୁନଃ ଗଣତି କରିବା ସହ ରାଧାରାଣୀ ବେହେରାଙ୍କୁ ଅଧିକ ୨ ଖଣ୍ଡ ଭୋଟ ପାଇଥିବା ଦର୍ଶାଇ ତାଙ୍କୁ ସରପଞ୍ଚ ଭାବେ ଘୋଷଣା କରିଥିଲେ। ମାତ୍ର ସୀତାରାଣୀ ଭୋଟ ଫଳାଫଳରେ ଅସନ୍ତୋଷ ପ୍ରକାଶ କରି ଜଳେଶ୍ୱର ସିଭିଲ କୋର୍ଟରେ ଏକ ନିର୍ବାଚନୀ ମାମଲା ଦାଏର କରିଥିଲେ। ରାୟ ଶୁଣାଣିରେ ବିଳମ୍ବ ହେବାରୁ ବାଲେଶ୍ୱର ଜିଲ୍ଲା ଦୌରା ଜର୍ଜଙ୍କ କୋର୍ଟରେ ପୁନଃ ଅପିଲ କରିଥିଲେ। ତେବେ ମାମଲାରେ ସମସ୍ତ ପ୍ରମାଣକୁ ଭିତ୍ତି କରି ଗତ ମଙ୍ଗଳବାର ଦୌରାଜଜ ଏକେ ଦାସ ରାୟ ଶୁଣାଣି କରି ମାମଲା ଦାଏରକାରୀ ସୀତାମଣୀ ସେନାପତିଙ୍କ ସପକ୍ଷରେ ରାଏ ଶୁଣାଇଛନ୍ତି। ଉକ୍ତ ମାମଲାର ଶୁଣାଣି କରି ମାନ୍ୟବର ଦୌରାଜଜ ରାଧାମଣୀ ବେହେରାଙ୍କ ସରପଞ୍ଚ ପଦ ଅସିଦ୍ଧ ଘୋଷଣା କରିବା ସହିତ ସୀତାରାଣୀ ସେନାପତିଙ୍କୁ ବିଜୟୀ ସରପଞ୍ଚ ଭାବେ ଘୋଷଣା କରିଛନ୍ତି। ଫଳରେ ପଞ୍ଚାୟତ ବାସୀ ଓ ସମର୍ଥକ ପ୍ରଭାସ ଗିରି, ପଦ୍ମଲୋଚନ ସେନାପତି, ସଞ୍ଜୟ ସେନାପତି, ମାଧବ ଚନ୍ଦ୍ର ଗିରି, ପବିତ୍ର ଗିରି, ବେଣୀ ମାଧବ ପାତ୍ର, ଚନ୍ଦ୍ର କାନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ନନୀଗୋପାଳ ରଞ୍ଜିତ, ପୂର୍ଣ୍ଣ ଚନ୍ଦ୍ର ମାଝୀ, ବାସନ୍ତୀ ଦେହୁରୀ, ପୂର୍ଣ୍ଣ ଚନ୍ଦ୍ର ଆଧେକ, ଦିପୁ ପାତ୍ର, ରାଧାକୃଷ୍ଣ ମହାନ୍ତି, ଚୈତନ୍ୟ ଜେନା, ପଞ୍ଚାନନ ମହୁରୀ, ପୂର୍ଣ୍ଣ ଚନ୍ଦ୍ର ସାମଲ, ବନମାଳୀ ଘଡ଼ାଇ, ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖଙ୍କ ସହ ଶହ ଶହ ସମର୍ଥକ ଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।






# ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବାଲେଶ୍ୱର, ୬।୩(ସମିସ): ଦୁଇ ଗୋଷ୍ଠୀର ଛାତ୍ରଙ୍କ ମଧ୍ୟରେ କନ୍ଦଳକୁ ନେଇ ଅଧ୍ୟକ୍ଷାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବାରୁ ଜନୈକା ଛାତ୍ରୀ ବାଗୁଡିସ୍ଥିତ ନବଦୋୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି ଛାତ୍ରୀଙ୍କ ପିତା ବାଲେଶ୍ୱର ସହର ରାଜାବଗିଚା ନିବାସୀ ଗଣେଶ୍ୱର ରାଉତ। ବିଦ୍ୟାଳୟର ଅଧ୍ୟକ୍ଷାଙ୍କ ସମେତ ଜିଲ୍ଲା ପ୍ରଶାସନର କିଛି ଅଧିକାରୀଙ୍କ ଚକ୍ରାନ୍ତ ଯୋଗୁଁ ତାଙ୍କ ଝିଅ ଏବେ ପରୀକ୍ଷା ଦେବାରୁ ବଞ୍ଚିତ ହେବ ବୋଲି ଆୟୋଜିତ ଏକା ସାମ୍ବାଦିକ ସମ୍ମିଳନୀରେ ଆଶଙ୍କା ପ୍ରକାଶ କରିଛନ୍ତି ଶ୍ରୀ ରାଉତ। ତାଙ୍କ ଅଭିଯୋଗ ଅନୁସାରେ, ଛାତ୍ରମାନଙ୍କ ଗଣ୍ଡଗୋଳରେ ଆହତ ହୋଇଥିବା ଛାତ୍ରଙ୍କ ସପକ୍ଷରେ ବାହାରିଥିବାରୁ ଏକାଦଶ ଶ୍ରେଣୀର ଏକାଧିକ ଛାତ୍ରୀ ଶ୍ରୀ ରାଉତଙ୍କ ଝିଅ ଉପରେ ଆକ୍ରମଣ କରିଥିଲେ। ସେଥିରେ ଝିଅ ଚେତାଶୂନ୍ୟ ହୋଇଯିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ କାହାକୁ କିଛି ନ ଜଣାଇ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇନଥିବା ଶ୍ରୀ ରାଉତ କହିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ସେ ସୋର ମେଡିକାଲରେ ପହଞ୍ଚିଥିଲେ ବି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅସହଯୋଗ ଓ ଉଦାସୀନତା ତାଙ୍କୁ ବ୍ୟଥିତ କରିଥିଲା। ସେ ସୋର ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଏହାକୁ କେନ୍ଦ୍ର କରି ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ଝିଅ ଉପରେ ପ୍ରତିଶୋଧପରାୟଣ ହୋଇଉଠିଛନ୍ତି ବୋଲି ଶ୍ରୀ ରାଉତ କହିଛନ୍ତି। ଏପରକି ଜିଲ୍ଲା ପ୍ରଶାସନର କିଛି ଅଧିକାରୀଙ୍କୁ ପ୍ରଭାବିତ କରି ବିଦ୍ୟାଳୟର ଅଧ୍ୟକ୍ଷା ଏସ. ଖ୍ରୀଷ୍ଟିଆନା ଝିଅକୁ ମାନସିକ ନିର୍ଯ୍ୟାତନା ଦେଇ ଚାଲିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଝିଅର ସୁରକ୍ଷା ସହିତ ପାଠ୍ୟକ୍ରମ ଅବ୍ୟାହତ ରଖିବାକୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଶ୍ରୀ ରାଉତ ଦାବି ଜଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସବିତା ପାଣିଗ୍ରାହୀ, ରାଜଲକ୍ଷ୍ମୀ ଚାଟାର୍ଜୀ, ଅନ୍ତର୍ଯାମୀ ପ୍ରଧାନ, ସୀତାରାମ ପ୍ରଧାନ ଓ ଆଇନଜୀବୀ ଭବେନ୍ଦ୍ର ଶେଖର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ଣ୍ଣଚନ୍ଦ୍ର ଶିଶୁ ବିଦ୍ୟାମନ୍ଦିରରେ ବିଜୁବାବୁଙ୍କ ଜୟନ୍ତୀ



ବାଲେଶ୍ୱର, ୬।୩(ସମିସ): ଗୋପାଳଗାଁ ସ୍ଥିତ ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଓଡ଼ିଶା ପ୍ରତି ଅବଦାନକୁ ଓଡ଼ିଶା ବାସୀ ସଦା ସର୍ବଦା ମନେ ରଖିବେ ବୋଲି ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶାର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ମତ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରାଜ କମଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଶରତ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରୀତାରାଣୀ ଦଳ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଗୁରୁମା ବବିତା ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲେଶ୍ୱର, ୬।୩ (ସମିସ) : ବାଲେଶ୍ୱର ଆଇଟିଆଇ ଛକସ୍ଥିତ ଓଡ଼ିଶା ଭବନ ପ୍ରାଙ୍ଗଣରେ 'ଯୁବ ବିକାଶ' ଏବଂ 'ସ୍କୋର ଲଭଲିହୁଡ଼ ଫାଉଣ୍ଡେସନ୍ ତଥା ଏସ.ଏମ. ଏଫ.ଜି କ୍ରେଡିଟ୍ ଫାଇନାନ୍ସ ବ୍ୟାଙ୍କ'ର ମିଳିତ ସହଯୋଗରେ ବିଗତ ୬ ମାସ ଧରି ଚାଲିଥିବା ଫାଇନାନ୍ସିଆଲ୍ ଲିଟ୍ରେସି ବା ଆର୍ଥିକ ସ୍ୱାକ୍ଷରତା ସମ୍ପର୍କିତ କାର୍ଯ୍ୟକ୍ରମ ଉପଲକ୍ଷେ ତ୍ମା ବିଶ୍ୱ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳାମାନଙ୍କୁ ସମ୍ବର୍ଦ୍ଧନା ତଥା ବିଶେଷ ସମ୍ମାନ ଦେବା ଅବସରରେ ସମ୍ବର୍ଦ୍ଧନା ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଯୁବ ବିକାଶର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅସିତ କୁମାର ଦଳାଇ ଅତିଥି ପରିଚୟ ସହିତ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ 'ଯୁବ ବିକାଶ'ର ମୁଖ୍ୟ ଗୋବିନ୍ଦ ବଲ୍ଲଭ ଦଳାଇ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଦ୍ୱାରା କେମିତି ଜଣେ ମହିଳା ନିଜେ ଆର୍ଥିକ ସାକ୍ଷରତା ହୋଇପାରିବା ସହିତ ନିଜ ପରିବାରର ଆର୍ଥିକ ସୁପରିଚାଳନାରେ ନିଜର ସହଭାଗିତା କରିପାରିଛି ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। 'ଯୁବ ବିକାଶ'ର ନିହାର ରଞ୍ଜନ ଓଝା ଉପସ୍ଥିତ ରହି ତାଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ 'ଏସ୍‌ଏସ୍‌ଏଫଜି ବ୍ରାଞ୍ଚ ମ୍ୟାନେଜର ଜ୍ଞାନ ରଞ୍ଜନ ହୋତା ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଲିଗାଲ ଏଡଭାଇଜର ଭାବେ ଆଡଭୋକେଟ୍ ରିଚିକା ଚାନ୍ଦ ଏବଂ ଅସିତ ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଲିଗାଲ ଦିଗ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଶିଳ୍ପୀ କେଶୁ ଦାଶ, କନକ ମଞ୍ଜରୀ ଦାସ, ସୁଧୀର ସାମୁଏଲ ଭକ୍ତା ଏବଂ ସୁବାସ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଟୁମୁକି ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

# 'ମହିଳାମାନଙ୍କ ଉନ୍ନତି ବିନା ଦେଶର ପ୍ରଗତି ଅସମ୍ଭବ'




ବାଲେଶ୍ୱର, ୬।୩(ସମିସ):

ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଅଧ୍ୟକ୍ଷତା କରି ଆମ ଜୀବନ ପାଇଁ ଆମେ ସବୁବେଳେ ଜଣେ ମହିଳା ଅର୍ଥାତ ଆମ ମା'ଙ୍କ ପାଖରେ ଋଣୀ ବୋଲି କହିଥିଲେ। ମହିଳାମାନେ ଜନସଂଖ୍ୟାର ୫୦ପ୍ରତିଶତ ହୋଇଥିବା ବେଳେ ସେମାନଙ୍କ ଉନ୍ନତି ବିନା ଦେଶର ପ୍ରଗତି ସମ୍ଭବ ନୁହେଁ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ସାନ୍ତ୍ୱନା ହାଲଦାର ଯୋଗ ଦେଇ ମା' ଓ ଭଉଣୀମାନଙ୍କ ପାଖରେ ଯେଉଁ ପ୍ରତିଭା, ଦକ୍ଷତା ଓ ସାହସିକତା ରହିଛି ତାହାକୁ ଆଗକୁ ଆଣିବା ଏବଂ ସବୁ କ୍ଷେତ୍ରରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଆଜି ମହିଳାମାନେ ମହାକାଶକୁ ଯାତ୍ରା କରିବା ପାଇଁ ସକ୍ଷମ ହୋଇଥିବା ବେଳେ ମାତୃଶକ୍ତିକୁ ସମସ୍ତ ଶକ୍ତିର କେନ୍ଦ୍ରସ୍ଥଳୀ ଭାବେ ସେ ବର୍ଣ୍ଣନା କରିଥିଲେ। ମହିଳାମାନଙ୍କର ଯେଉଁ ତ୍ୟାଗ ଓ ସେବା ମନୋଭାବ ରହିଛି ତାହାର ସେ ପ୍ରଶଂସା କରିବା ସହିତ ପରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇ ମହିଳାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଭବିଷ୍ୟତ ଗଠନ ଦିଗରେ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା କହିବା ସହ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ସୃଷ୍ଟି କରାଯାଇ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ଏବଂ ସଚେତନତା ମାଧ୍ୟମରେ ଜନମାନସକୁ ସେବା ଯୋଗାଇ ପାରିବେ ସେ ଦିଗରେ ଦୃଷ୍ଟି ଦେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଯୋଗ ଦେଇ ମହିଳାମାନେ ପୁରୁଷମାନଙ୍କଠାରୁ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ହୋଇଥିବା ବେଳେ ମହିଳାମାନେ ନିଜ ଅଧିକାର ପାଇଁ ସ୍ୱତଃ ପ୍ରବୃତ୍ତ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଯେଉଁ ଅବଦାନ ରହିଛି, ଯେଉଁ ସବୁ କ୍ଷେତ୍ରରେ ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛନ୍ତି ସେ ସବୁ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉତ୍ସବ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଙ୍ଗନବାଡି କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା।ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶିଖାରାଣୀ ପୋଦ୍ଦାର ପ୍ରାରମ୍ଭିକ ଅଭିଭାଷଣ ଦେବା ସହ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କେନ୍ଦ୍ରାଞ୍ଚଳ ଆରଡିସିଙ୍କ ବାଲେଶ୍ୱର ଗସ୍ତ



ବାଲେଶ୍ୱର, ୬।୩(ସମିସ): କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (କଟକ) ରଞ୍ଜନ କୁମାର ଦାସ ଆଜି ବାଲେଶ୍ୱର ଜିଲ୍ଲା ଗସ୍ତ କରିବା ସହ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟମାନଙ୍କର ନିରୀକ୍ଷଣ ତଥା ସମୀକ୍ଷା ବୈଠକ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳ ଆଶୀଷ ଠାକରେ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଲିକ ଓ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେ ଏହି ବୈଠକରେ ସମସ୍ତ ବିଭାଗୀୟ କାର୍ଯ୍ୟର ତଦାରଖ କରିବା ସହିତ ସମସ୍ତ ରାଜସ୍ୱର ସଠିକ ପରିଚାଳନା କାର୍ଯ୍ୟ ସମ୍ପର୍କରେ ସମସ୍ତ ଅଧିକାରୀଙ୍କ ଠାରୁ ସୂଚନା ଓ ମନ୍ତବ୍ୟ ନେଇଥିଲେ। ସମସ୍ତ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ସଂକ୍ରାନ୍ତୀୟ ରାଜସ୍ୱ ବିଷୟରେ ବିବରଣୀ ନେବା ପରେ ସମସ୍ତ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ଖର୍ଚ୍ଚ ହେଉଥିବା ରାଜସ୍ୱ ବିଷୟରେ ସବିଶେଷ ବିବରଣୀ ନେଇଥିଲେ ଓ ତତ୍‌ସହିତ ଦାସ ରାଜସ୍ୱକୁ ସଠିକ ଭାବେ ବିନିଯୋଗ କରିବା ପାଇଁ ସମସ୍ତ ସରକାରୀ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଜିଲ୍ଲାର ସମସ୍ତ ଅଧିକାରୀ, ଜଳସେଚନ ବିଭାଗୀୟ ଯନ୍ତ୍ରୀ, ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଯନ୍ତ୍ରୀ ଏବଂ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ସମସ୍ତ ଉନ୍ନତି ମୂଳକ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହିତ ସେ ସମସ୍ତ କାର୍ଯ୍ୟ ଗୁଡିକ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କିପରି ସମାପ୍ତ ହେବ ସେ ବିଷୟରେ ତଦାରଖ କରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଆରଡିସି ଶ୍ରୀ ଦାସ ଜିଲ୍ଲାରେ ହୋଇଥିବା ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସବିଶେଷ ବିବରଣୀ ନେବା ପରେ ଅନେକ ଗୁଡିଏ କାର୍ଯ୍ୟର ସଠିକ ଅଗ୍ରଗତି ଦେଖି ସନ୍ତୋଷ ପ୍ରକାଶ କରିଥିଲେ।

# ନବଜାତ ଷ୍ଟେବିଲାଇଜେସନ୍ ୟୁନିଟ୍ ଉଦ୍‌ଘାଟିତ

ଜଳେଶ୍ୱର ବ୍ଲକ୬।୩(ସମିସ): ଆଜି ଜିକେ ଭଟ୍ଟର ହସ୍‌ପିଟାଲରେ ନିୟୁବର୍ଣ୍ଣ ଷ୍ଟେବିଲାଇଜେସନ୍ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ଫଳରେ ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ ଜନ୍ମ ନେଉଥିବା ପିଲାଙ୍କୁ ସୁସ୍ଥ ରଖିବାଲାଗି ଏଭଳି ଏକ ନୂଆ ପଦ୍ଧତି ଜିକେ ଭଟ୍ଟର ହସ୍‌ପିଟାଲରେ ଆରମ୍ଭ ହୋଇଛି। ଏଥିରେ ଏକକାଳୀନ ୪ଜଣ ନବଜାତ ଶିଶୁକୁ ରଖାଯାଇ ଚିକିତ୍ସା କରାଯାଇପାରିବ। ଏହି ନୂତନ ପଦ୍ଧତିରେ ଏହି ଘରେ ମାଆ ଏପରି ଶିଶୁକୁ ଖାଦ୍ୟ ଦେବାର ବ୍ୟବସ୍ଥା ରଖାଯାଇଛି। ଏହି ହସ୍‌ପିଟାଲରେ ପ୍ରତିଦିନ ପ୍ରାୟ ୧୦ ପ୍ରସୂତିଙ୍କର ପ୍ରସବ ହୋଇଥାଏ। କିନ୍ତୁ ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ ଜନ୍ମିତ ପିଲାଙ୍କ ଚିକିତ୍ସାର ବ୍ୟବସ୍ଥା ନ ଥିବାରୁ ପ୍ରସୂତି ଓ ଶିଶୁକୁ ବାଲେଶ୍ୱର ପଠାଯାଉଥିଲା। ଫଳରେ ଦୁର୍ଘଟଣା ଘଟୁଥିଲା। ଆଜି ବାଲେଶ୍ୱର ଏଡିଏମ୍‌ଓ ଡା. ପରେଶ ନନ୍ଦୀ ଏହାକୁ ଲୋକାର୍ପିତ କରିଛନ୍ତି। ଏଥିରେ ଆର୍‌ସିଏଚ୍ ଏଲିନା ମାମ, ବିପିଏମ୍ ଅନିଲ ମହାନ୍ତି, ଡା. ଦିଲ୍ଲିପ ପାତ୍ର, ଡା. ସଞ୍ଜୟ ପଣ୍ଡା, ସୁଦିପ କର, ବନମାଳୀ ଜେନା, ମାଣିକମାଳା ମହାନ୍ତି, ପୁଷ୍ପାଞ୍ଜଳି ଘଡେଇ, ଅଶୋକ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ମଙ୍ଗଳା ମନ୍ଦିରର ବାର୍ଷିକୋତ୍ସବରେ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୬।୩(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକର ବାସୁଖୁଣ୍ଟା ଗ୍ରାମରେ ବୁଧବାର ଦିନ କାଳୀକୁମାରୀ ମା ମଂଗଳା ମନ୍ଦିରର ବାର୍ଷିକୋତ୍ସବ ଉପଲକ୍ଷେ ମନ୍ଦିର ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଇମାମୀ ପେପର ମିଲସ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ ଡା. ପ୍ରଦୀପ କୁମାର ଜେନା ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ବିନା ମୂଲ୍ୟରେ ଔଷଧ ବିତରଣ କରିଥିଲେ। ଏଥିରେ ବାସୁଖୁଣ୍ଟା, ଆର୍ମଳା, ବଡୁଆ, କୁଚିଳାପଦା, ନରହରିପୁର, ବିମ୍ବୁରିଆ, ଦିଖାପଦା, ବେଲେରୀ ପ୍ରଭୃତି ଗ୍ରାମରୁ ଆସିଥିବା ଶତାଧିକ ଗ୍ରାମବାସୀଂକର ଚିକିତ୍ସା କରାଯାଇଛି। ଇମାମୀର ବରିଷ୍ଠ ସଭାପତି ଆଶୀଷ ଗୁପ୍ତା, ମାନବ ସମ୍ବଳ ବିଭାଗର ମହା ପ୍ରବଂଧକ ୟୁସୁଫ ଅଲ୍ଲୀ ସୋଲାଙ୍କି ଙ୍କ ଅନୁମୋଦନ କ୍ରମେ ଉପ ମହା ପ୍ରବଂଧକ ମନୋଜ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଶିବିର ଆୟୋଜନ ଓ ପରିଚାଳନାରେ ସସ୍ମିତା ପ୍ରଧାନ, କମଳାକାନ୍ତ ପଣ୍ଡା, ମଧୁସୂଦନ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ବସନ୍ତ ବେହେରା, ଗୋପିନାଥ ମହାପାତ୍ର, ଅନାଦି ପଣ୍ଡା, ରବି ରାଉତ ସହଯୋଗ କରିଥିଲେ।

# ରେମୁଣା ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ପାଳିତ




ବାଲେଶ୍ୱର, ୬।୩ (ସମିସ): ରେମୁଣା ବିଜେଡି ପକ୍ଷରୁ ଭୂତ ପୂର୍ବ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ୧୦୮ତମ ଜୟନ୍ତୀ ଅବସରରେ ଆୟୋଜିତ ସଭାରେ ବକ୍ତା ମାନେ କହିଥିଲେ କି ଅନେକ ସଂଘର୍ଷ ପରେ ରେମୁଣାର ବିଧାୟକ, ବ୍ଲକ ଚେୟାରମ୍ୟାନ, ଏନଏସି, ଓ ଅଧିକାଂଶ ପଞ୍ଚାୟତକୁ ବିଜେଡି ଦଖଲ କରିଛି। ଆଗକୁ ବିଧାନ ସଭା ଓ ଲୋକ ସଭା ନିର୍ବାଚନ ଆସୁଥିବାରୁ ଆମେ ଅହଂକାର ଗର୍ବ ଅଭିମାନ ଛାଡି ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦେଶ ମାନି କାମ କରିବା। ଦଳ ଯାହାକୁ ଟିକଟ ଦେବ ତାଙ୍କୁ ଜିତାଇ ନବୀନ ପଟ୍ଟନାୟକଙ୍କ ସମ୍ମାନକୁ ରକ୍ଷା କରିବା। ଏହି ସଭାରେ ବ୍ଲକ ସଭାପତି ମନୋଜ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ବିଜେଡି ଉପସଭାପତି ପ୍ରଭାତ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଉପାଧ୍ୟକ୍ଷା ସୁମତି ବେହେରା, ଏନଏସି ଅଧ୍ୟକ୍ଷା ତନୁଜା ଗିରି, ଉପାଧ୍ୟକ୍ଷ ଐସାନ ଖାନ, ପୂର୍ବତନ ବ୍ଲକ ସଭାପତି ନଳିନୀ ପଣ୍ଡା, ଏନଏସି ର ପୂର୍ବତନ ସଭାପତି ପ୍ରଶାନ୍ତ ବରାଳ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରି ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ରବି ରାଉତ, ସଦର ବ୍ଲକ ଉପ ସଭାପତି ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉଦବୋଧନ ଦେଇଥିଲେ।

# ନୂଆ ରାସ୍ତାକୁ ଖୋଳିଦେଲା ଜନସ୍ୱାସ୍ଥ୍ୟ ବିଭାଗ

ବାଲେଶ୍ୱର, ୬।୩ (ସମିସ):



ଅଞ୍ଚଳରେ ଅସନ୍ତୋଷ

ବାଲେଶ୍ୱର ପୌରପାଳିକା ଚାନ୍ଦମାରିପଡ଼ିଆ ରାସ୍ତାର ନିର୍ମାଣ ଗତ ଚାରି ମାସ ତଳେ ସରିଥିଲାବେଳେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ନୂତନ ରାସ୍ତାକୁ ବିଭିନ୍ନ ସ୍ଥାନରେ ଖୋଳି ଦିଆଯାଇଛି। ତେବେ ରାସ୍ତା ନିର୍ମାଣ କରିଥିବା ପୂର୍ତ୍ତ ବିଭାଗର ଅନୁମତି ନ ନେଇ ୨କୋଟି୪୭ଲକ୍ଷ ଟଙ୍କା ଉର୍ଦ୍ଧ୍ୱ ଅଟକଳର ନୂତନ ନିର୍ମାଣ ହେଇଥିବା ରାସ୍ତାକୁ ଜନ ସ୍ୱାସ୍ଥ୍ୟ ବିଭାଗ ଖୋଳିଲା କାହିଁକି ? ଏହାକୁ ନେଇ ସ୍ଥାନୀୟ ଜନ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି।

ଭାସ୍କରଗଞ୍ଜ ବିଟ ହାଉସ ଠାରୁ ଚାନ୍ଦମାରିପଡ଼ିଆ ଏମସିସି ସେଣ୍ଟର ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ନିର୍ମାଣ କରିବା ପାଇଁ ଗତ ୦୫/୧୦/୨୧ ତାରିଖରେ ସ୍ଥାନୀୟ ବିଧାୟକ ସ୍ୱରୂପ କୁମାର ଦାସଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇ ଥିଲା। ମାତ୍ର ଏହି ରାସ୍ତା ପାର୍ଶ୍ୱରେ ଥିବା ଜବର ଦଖଲକାରୀ ମାନଙ୍କୁ ପୌରପାଳିକା ଉଚ୍ଛେଦ କରିବାରେ ବିଳମ୍ବ କରିବା ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଠିକାଦାର ଆରମ୍ଭ କରିପାରି ନଥିଲେ। ତୁରନ୍ତ ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକମାନେ ବାରମ୍ବାର ଅଭିଯୋଗ କରିବା ଏବଂ ରାସ୍ତାରେ ବସି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଗତ ସେପ୍ଟେମ୍ବର ମାସ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଠିକାଦାର ଶେଷ କରିଥିଲା। ମାତ୍ର ଡ୍ରେନ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଶେଷ ହେଇନାହିଁ। ରାସ୍ତା ଉପରେ ପୂର୍ବରୁ ପୋତା ଯାଇଥିବା ବିଦ୍ୟୁତ ଖୁଣ୍ଟ ମଧ୍ୟ ସ୍ଥାନାନ୍ତର କରାଯାଇ ନାହିଁ। ହେଲେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜେସିବି ମେସିନ ଦ୍ୱାରା ରାସ୍ତାର ବିଭିନ୍ନ ସ୍ଥାନକୁ ଖୋଳି ଦିଆଯାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜନ ସ୍ୱାସ୍ଥ୍ୟ ବିଭାଗ ବଡ଼ବଡ଼ ଲୌହ ପାଇପ ଗୁଡିକୁ ସମ୍ପୃକ୍ତ ରାସ୍ତା ପାର୍ଶ୍ୱରେ ପକାଇ ଥିଲା। କିନ୍ତୁ ରାସ୍ତା କାମ ଚାଲିଥିବା ସମୟରେ ଏହି ଲୌହ ପାଇପ ଗୁଡିକୁ ମାଟି ଖୋଳି ବିଛାଇଲା ନାହିଁ। ମାତ୍ର ନିର୍ମାଣ ଶେଷ ହେଇଯିବା ପରେ ଏହି୨କୋଟି ୪୭ଲକ୍ଷ ୫୯ହଜାର ଟଙ୍କା ବ୍ୟୟରେ ନିର୍ମିତ ହେଇଥିବା ନୂତନ ରାସ୍ତାକୁ ଭିନ୍ନଭିନ୍ନ ସ୍ଥାନରେ ମେସିନ ଦ୍ୱାରା ଖୋଳି ନଷ୍ଟ କରିଦେବା କେତେ ଯୁକ୍ତି ସଂଗତ ହେଉଛି। ଅପରପକ୍ଷରେ ରାସ୍ତା ଖୋଳିବା ପୂର୍ବରୁ ଏହି ରାସ୍ତାକୁ ନିର୍ମାଣ କରିଥିବା ବାଲେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ ଏକ କିମ୍ବା ପୌରପାଳିକା କର୍ତ୍ତୃପକ୍ଷଙ୍କ ଠାରୁ ଜନ ସ୍ୱାସ୍ଥ୍ୟ ବିଭାଗ କୌଣସି ଅନୁମତି ନେଇନଥିବା ଜଣାଯାଇଛି। ବିନା ଅନୁମତିରେ ଏହି ନୂତନ ନିର୍ମାଣ ହେଇଥିବା ରାସ୍ତାକୁ ସମ୍ପୃକ୍ତ ବିଭାଗ ଖୋଳିଲା କିପରି ବୋଲି ସ୍ଥାନୀୟ ସଚେତନ ନାଗରିକ ମାନେ ପ୍ରଶ୍ନ ଉଠାଇଛନ୍ତି। ଚାନ୍ଦାମାରିପଡ଼ିଆ ଅଞ୍ଚଳର ସମାଜସେବୀ ମାଧବ ମୋହିନୀ ଏହି ରାସ୍ତା ଖୋଳିବା ବାବଦରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶରେ ପ୍ରାୟ ଅଢେଇ କୋଟି ଟଙ୍କା ଅଟକଳରେ ଏହି ରାସ୍ତା ବିଳମ୍ବରେ ହେଲେବି ନିର୍ମାଣ ହୋଇଥିଲା। ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମନ ଇଚ୍ଛା ରାସ୍ତାକୁ ଖୋଳି ଦେଇ ନଷ୍ଟ କରି ଦିଆଯାଇଛି। ରାସ୍ତା ନିର୍ମାଣରେ ଖର୍ଚ୍ଚ ହେଇଥିବା ସରକାରଙ୍କ ଅଢେଇ କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଶ୍ରୀ ମୋହନୀ କହିଛନ୍ତି। ତେବେ ଏହି ରାସ୍ତା ବାବଦରେ ଜାଣିବା ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗର ଏସଡ଼ିଓ ହୀରାଲାଲ ନାୟକ ମୋବାଇଲ ଫୋନରେ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜନ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ରାସ୍ତାର ଯେଉଁ ସବୁ ସ୍ଥାନରେ ଖୋଳା ଯାଇଛି, ସେହି ସ୍ଥାନ ଗୁଡିକ ମରାମତି କରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି। ମାତ୍ର ବାଲେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ-୧ର ଏସଡ଼ିଓ ଦୁର୍ଗା ଚରଣ ସାହୁ କହିଛନ୍ତି, ବାଲେଶ୍ୱର ପୌରପାଳିକାର ଯେଉଁଠାରେ ନୂତନ ରାସ୍ତା ନିର୍ମାଣ ହେଇଛି, ସମ୍ପୃକ୍ତ ରାସ୍ତା ନିର୍ମାଣ ହେବାର ଅଳ୍ପ କିଛିଦିନ ମଧ୍ୟରେ ଜନ ସ୍ୱାସ୍ଥ୍ୟ ବିଭାଗ ମନ ଇଚ୍ଛା ରାସ୍ତାକୁ ଖୋଳି ନଷ୍ଟ କରିଦେଉଛି। ରାସ୍ତା ଖୋଳିବା ପୂର୍ବରୁ ନିର୍ମାଣ କରିଥିବା ବିଭାଗର ଅନୁମତି ମଧ୍ୟ ନେଉ ନାହାନ୍ତି ବୋଲି ଏସଡ଼ିଓ ସାହୁ କହିଛନ୍ତି। ଏହି ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ସ୍ଥାନରେ ଖୋଳି ଦେବାକୁ ନେଇ ସ୍ଥାନୀୟ ଜନ ସାଧାରଣଙ୍କ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏହି ନୂତନ ରାସ୍ତାର ସଠିକ ମରାମତି କରିବାକୁ ଚାନ୍ଦାମାରିପଡ଼ିଆ ଅଞ୍ଚଳର ବିଭିନ୍ନ ମହଲରୁ ଦାବି ହେଉଛି।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ବାଲେଶ୍ୱର, ୬।୩(ସମିସ): ବାଲେଶ୍ୱର ପୌରପାଳିକାର ବସ୍ତି ଅଞ୍ଚଳରେ କାର୍ଯ୍ୟରତ ମହିଳା ଆରୋଗ୍ୟ ସମିତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେ ଆଇ ହେଲ୍ପ ୟୁ ଓ ଭରସା ର ମିଳିତ ଆୟୋଜନରେ ସ୍ଥାନୀୟ ଆତିଥ୍ୟ ସଭା ଗୃହ ଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳା ମାନଙ୍କର ଦେଶ ଗଠନରେ ଭୁମିକା ଓ ବିଭିନ୍ନ ସରକାରୀ ଯୋଜନା ଦ୍ୱାରା ମହିଳା ମାନଙ୍କର କିପରି ବିକାଶ ହୋଇଛି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ, କାଉନସିଲର ରଞ୍ଜିତା ମହାପାତ୍ର, ସମାଜସେବୀ ସ୍ନେହଲତା ଦାସ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ଲୋପାମୁଦ୍ରା ମହାପାତ୍ର, ଲେଡି ସୁପରଭାଇଜର ଶୁଭଶ୍ରୀ ଦାଶ ପ୍ରମୁଖ ମହିଳା ସଶକ୍ତିକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମାଜସେବୀ ପଙ୍କଜିନୀ ମିଶ୍ରଙ୍କୁ ରକ୍ତଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭରସାର ସମ୍ପାଦକ ଯାଦବେଶ ମିଶ୍ର ଓ ଉବାଚକ ମହାନ୍ତି ପରିଚାଳନା କରିଥିବାବେଳେ ସ୍ୱର୍ଣ୍ଣଲତା ଘୋଷ, ଉର୍ମିଳା ସାହୁ, ସସ୍ମିତା ରାଜ, ସୁସ୍ମିତା ପରିଡ଼ା, ପ୍ରମିଳା ପରିଡ଼ା, ପାର୍ବତୀ ସାହୁ, ରାଜଲକ୍ଷ୍ମୀ ଦାସ, ମିନତୀ ଦାସ ଓ କୁନିଦାନ ବିବି ପ୍ରମୁଖ ସହଯୋଗ କରିଥିଲେ।

# ଭୋଗରାଇ ବ୍ଲକ୍‌ରେ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ

ଭୋଗରାଇ, ୬।୩ (ସମିସ) :



ସୁସ୍ଥ ସମାଜ ଏକ ସମୃଦ୍ଧ ରାଷ୍ଟ୍ରର ଆଧାର। ସ୍ୱାସ୍ଥ୍ୟ ସହିତ ଏହାର ଗଭୀର ସମ୍ପର୍କ ରହିଛି। ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇଦେବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ପୂର୍ବରୁ ସମସ୍ତ ରେସନ କାର୍ଡଧାରୀଙ୍କୁ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସେବା ବ୍ୟବସ୍ଥା କରାଯାଇଥିଲା। ତେବେ ଏଥିରୁ ବଞ୍ଚିତ ଲୋକଙ୍କ ନିମନ୍ତେ ଏଭଳି ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ବାରମ୍ବାର ଦାବି ହୋଇଆସୁଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ନିୟମିତ ସରକାରୀ କର୍ମଚାରୀ ଓ ଆୟକର ଦେଉଥିବା ଲୋକଙ୍କୁ ବାଦ୍ ଦେଇ ଗାଁର ସବୁ ଲୋକଙ୍କୁ ଏହି ସୁବିଧା ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ' ଯୋଜନା ଆରମ୍ଭ କରିଛନ୍ତି। ଭୋଗରାଇ ବ୍ଲକରେ ସମୁଦାୟ ୫, ୯୨୫ ପରିବାର ଏଥିପାଇଁ ଅନଲାଇନରେ ଆବେଦନ କରିଥିଲା ବେଳେ ଆବଶ୍ୟକ ତଦନ୍ତ କରାଯାଇ ସେଥିରୁ ୪, ୨୨୬ ପରିବାରକୁ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଡ ବିତରଣ ଶୁଭାରମ୍ଭ କରିଛନ୍ତି। ଏ ନେଇ ବୁଧବାର ସନ୍ଧ୍ୟାରେ ଭୋଗରାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ହିତାଧିକାରୀଙ୍କୁ ଏହି କାର୍ଡ ବିତରଣ କରାଯାଇଛି। ଭୋଗରାଇ ବିଡ଼ିଓ ଜଗନ୍ନାଥ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ' ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗ ଦେଇ ସମାଜର ସବୁଠାରୁ ତଳ ଧାଡିରେ ରହୁଥିବା ବ୍ୟକ୍ତିର କଲ୍ୟାଣ ବିଷୟରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନ ଦେଇଥିଲା ବେଳେ ରେସନ କାର୍ଡରୁ ବଞ୍ଚିତ ଗ୍ରାମାଞ୍ଚଳର ପରିବାର ମାନଙ୍କ ପାଇଁ ଏହି 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ' ସଞ୍ଜିବନୀ ସଦୃଶ୍ୟ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଦୀପ୍ତ କୁମାର ରାଉତ ଓ ପପୁ ଭୂୟାଁ, ଭୋଗରାଇ ବ୍ଲକ ଯୋଗାଣ ଅଧିକାରୀ ସମେଶ୍ୱର ବେହେରା, ଆଇନଜୀବୀ ଭୁବନାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ଏହି ମହତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ଦେଇଥଲେ। ଏହି ଅବସରରେ ଭୋଗରାଇ ବ୍ଲକର ବିଭିନ୍ନ ପଞ୍ଚାୟତର ୧୦୦ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ ବଣ୍ଟନ କରାଯାଇଥିଲା। ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦନେଶ୍ୱର ଶୈବପୀଠରେ ପଙ୍କୋଦ୍ଧାର ଏକାଦଶୀ



ଚନ୍ଦନେଶ୍ୱର, ୬।୩ (ସମିସ) : ଫାଲଗୁନ କୃଷ୍ଣ ଏକାଦଶୀକୁ ପଙ୍କୋଦ୍ଧାର ଏକାଦଶୀ ବା ବିଜୟା ଏକାଦଶୀ କୁହାଯାଏ। ଏହି ଅବସରରେ ପୂର୍ବ ଭାରତର ପ୍ରସିଦ୍ଧ ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱର ଶୈବପୀଠରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ବାବା ଚନ୍ଦନେଶ୍ୱରଙ୍କୁ ଦର୍ଶନ କଲେ ଜନ୍ମ ଜନ୍ମର ପାପ କ୍ଷୟ ହେବା ସହ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ବର୍ଷକେ ଥରେ କେବଳ ପଙ୍କୋଦ୍ଧାର ଏକାଦଶୀ ଦିନ ଚନ୍ଦନେଶ୍?ରଙ୍କ ଖୋଲା ଦର୍ଶନ ମିଳିଥାଏ। ଏଠାରେ ବର୍ଷସାରା ଚନ୍ଦନେଶ୍ୱରଙ୍କ ଶ୍ରୀଲିଙ୍ଗ ପାଣିଭିତରେ ବୁଡ଼ି ରହିଥିବା ଗର୍ଭଗୃହରୁ ଏହିଦିନ ଜଳ ନିଷ୍କାସନ କରାଯିବା ସହ ପଙ୍କୋଦ୍ଧାର କରାଯାଇଥାଏ। ସେଥିପାଇଁ ଦୀର୍ଘ ୧୭ ବର୍ଷ ଧରି ଏହି ପର୍ବ ପାଳି ଆସୁଥିବା ବାଲେଶ୍ୱର, ବାଲିଆପାଳ, ଗୋବିନ୍ଦପୁର, ଅନ୍ଧିଆବାରବାଟିଆ ଆଦି ଅଞ୍ଚଳର ବିଭିନ୍ନ ଧାର୍ମିକ ଅନୁଷ୍ଠାନ ତଥା ବାବା ବଳିଆ ଆଶ୍ରମ ତରଫରୁ ଶ୍ରଦ୍ଧାଳୁ ବାବାଜୀ ଦୟାନନ୍ଦ ଦାସ ମହାରାଜ, ଶିବପ୍ରସାଦ ଜେନା, ପ୍ରଦୀପ କୁମାର ବେହେରା, ନିରଞ୍ଜନ ଗିରି, ସୁରେନ୍ଦ୍ର ଗିରି, ମୁରଲୀ ଦାସ, ଦୀପକ କୁମାର ଘଡ଼ାଇ, ରଣଜିତ ସିଂ, ଗୁଣାଧର ଗିରି, ଅନନ୍ତ ଦାସ, ଶ୍ରୀହରି ପାତ୍ର, କମଳଲୋଚନ ପାତ୍ର, ହରିହର ଜେନା, ବଂଶୀଧର ଘଡାଇ, ମୃତ୍ୟୁଞ୍ଜୟ ଘଡାଇ ପ୍ରମୁଖ ତାଙ୍କର ୧୮ ବର୍ଷର ଏହି କାର୍ଯ୍ୟ ପାଳନ ଅବସରରେ ଚନ୍ଦନେଶ୍ୱର ଗର୍ଭଗୃହର ପଙ୍କୋଦ୍ଧାର କାର୍ଯ୍ୟରେ ଯୋଗ ଦେଇଥିଲେ। ସେମାନେ କୁହନ୍ତି ବିଜୟା ଏକାଦଶୀ ବ୍ରତ କଲେ ମଣିଷ ଶତ୍ରୁକୁ ବିଜୟ କରିପାରେ। ବିଜୟ ଏକାଦଶୀ ଦିନ ଦାନ କରିବାର ବିଶେଷ ମହତ୍ତ୍ୱ ରହିଛି। ଅବଶ୍ୟ ଏହି ଦିନ କରାଯାଇଥିବା ଦାନ ଅନ୍ୟ ଏକାଦଶୀରେ ଦିଆଯାଇଥିବା ଦାନଠାରୁ ସାମାନ୍ୟ ଭିନ୍ନ। ଏହି ଦିନ ଭକ୍ତ ମାନେ ବ୍ରାହ୍ମଣଙ୍କୁ ଖାଦ୍ୟ, ମିଠା, ଫଳ, ପୋଷାକ, ବହି ଇତ୍ୟାଦି ଦ୍ୱାରା ସନ୍ତୁଷ୍ଟ କରିଥାଆନ୍ତି। ବ୍ରାହ୍ମଣ ବ୍ୟତୀତ, ଅନ୍ୟ କୌଣସି ଅଭାବୀ ବ୍ୟକ୍ତିଙ୍କୁ ଦାନ ମଧ କରାଯାଇଥାଏ। ଏହାଛଡା ଏକାଦଶୀରେ ସୁନା ଦାନ କରିବା, ଜମି ଦାନ କରିବା, ଖାଦ୍ୟ ଦାନ କରିବା ଏବଂ ଗାଇ ଦାନ କରିବା ଦ୍ୱାରା ଅଧିକ ଗୁଣାତ୍ମକ ଫଳାଫଳ ମିଳିଥାଏ। ଉକ୍ତ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ମନ୍ଦିରର ଉପମୈରସୀ ବୁଦ୍ଧଦେବ ପଣ୍ଡା ସମେତ ସେବାୟତ ଓ ପୂଜକ ମାନେ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜୁବାବୁଙ୍କ ଜୟନ୍ତୀ



ଭୋଗରାଇ, ୬।୩ (ସମିସ) : ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ଆନୁକୂଲ୍ୟରେ ପ୍ରବାଦ ପୁରୁଷ, ମହାନ ରାଷ୍ଟ୍ରବାଦୀ, ଅନନ୍ୟ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ଖଟୁଆ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ବିଜୁ ବାବୁଙ୍କ ସାହସିକତା, ସଂଗ୍ରାମୀ ଭୂମିକା ଓ ଅନନ୍ୟ ଦେଶପ୍ରେମ ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନା (ଏନଏସଏସ) ସଂଯୋଜକ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ଯୋଗ ଦେଇ ଆଲୋଚନା କରିଥିଲେ। ଅଧ୍ୟାପକ ବିଜୟ କୁମାର ପ୍ରଧାନ ବିଜୁ ବାବୁଙ୍କ ଆଦର୍ଶକୁ ଅନୁସରଣ କରିବା ସହିତ ଏକ ସୁସ୍ଥ ଏବଂ ବିକଶିତ ଦେଶ ଓ ଜାତି ଗଠନରେ ସାମିଲ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ପାତ୍ର ମତପ୍ରକାଶ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲା ବେଳେ ଡେମନଷ୍ଟ୍ରେଟର ସଞ୍ଜିବ ହାତୀ, ରଞ୍ଜନ ଆଚାର୍ଯ୍ୟ, ମହମ୍ମଦ ହନିଫ ଖାଁ, ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୃଷକ ସଂଗ୍ରାମ ମଞ୍ଚର ବିକ୍ଷୋଭ




ଜଳେଶ୍ୱର, ୬।୩(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରେ ଟାଟା ପାୱାରର ଜୁଲୁମ ବିରୁଦ୍ଧରେ କୃଷକ ସଂଗ୍ରାମ ମଞ୍ଚ ପକ୍ଷରୁ ବିଶାଳ ପ୍ରତିବାଦ ସମାବେଶ ସହିତ ଡିଭିଜନ ଅଫିସ ଘେରାଉ କରାଯାଇଛି। ଚାଷୀଙ୍କୁ ବିଦ୍ୟୁତ୍ ବିଲ୍ ଛାଡ଼ କରିବା, ଉଠା ଜଳସେଚନ ପଏଣ୍ଟରେ ମିଟର ବସାଇବା ବନ୍ଦ କରିବା, ଯେଉଁ ଉଠା ଜଳସେଚନ ପଏଣ୍ଟରୁ ଲାଇନ୍ କଟା ଯାଇଛି ତାକୁ ପୁନଃ ସଂଯୋଗ କରିବା, ମିଟର ତଥା ଟ୍ରାନ୍ସଫରମର ଚାର୍ଜ ନେବା ବନ୍ଦ୍ କରିବା, ସମସ୍ତ ଗରିବ ଲୋକଙ୍କ ଘରକୁ ମାଗଣାରେ ବିଦ୍ୟୁତ ସଂଯୋଗ କରିବା, ଉଠା ଦୋକାନ ଓ ଛୋଟ ବ୍ୟବସାୟିଙ୍କ ଠାରୁ ବ୍ୟବସାୟିକ ବିଲ୍ ନେବା ବନ୍ଦ୍ କରିବା ଓ ଚାଷୀ ତଥା ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ବିଲ୍ ଆଦାୟ ବନ୍ଦ୍ କରିବା ପ୍ରତିବାଦରେ ଜଳେଶ୍ୱରର ଚାଷୀ, ଉପଭୋକ୍ତା, ସେଲୋ ମାଲିକ, ଛୋଟ ଦୋକାନୀ ଓ ବ୍ୟବସାୟୀ ମାନେ ଏକ ବିଶାଳ ଶୋଭାଯାତ୍ରାରେ ସକାଳ ୧୨ ଘଟିକାରୁ ଜଳେଶ୍ୱର ଡାକ ବଙ୍ଗଳା ଠାରୁ ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା ସହିତ ନାରବାଜି କରିଥିଲେ। ସୁଦର୍ଶନ ଦାସ, ଦିଲ୍ଲୀପ ଗିରିଙ୍କ ନେତୃତ୍ୱରେ ହୋଇଥିବା ପ୍ରତିବାଦ ପରେ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଅଫିସ ପରିସରରେ ଧାରଣା ଚାଲିଥିଲା।

## ଜନନାୟକ ବିଜୁବାବୁଙ୍କ ଜୟନ୍ତୀରେ ସ୍ମୃତିସଭା



ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୬।୩ (ସମିସ) : ଜଳେଶ୍ୱର ବିଜେଡି ପକ୍ଷରୁ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୦୮ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି। ମୁରଲୀ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ବିଜେଡି ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ତଥା ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଯୋଗଦେଇ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ, ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର, ପାରାଦ୍ୱୀପ ବନ୍ଦର, ସୁନାବେଡ଼ା ମିଗ୍ ବିମାନ କାରଖାନା, ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ, ଥିରୁବାଲି ଫେରୋ ସିଲିକନ୍ କମ୍ପେଲକ୍ସ ସହିତ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା, ପଞ୍ଚାୟତ କୁ ଅଧିକାର ଓ ଆକୁଣ୍ଠ ବଦାନ୍ୟ କ୍ଷେତ୍ରରେ ବିଜୁବାବୁଙ୍କର ବହୁ ଅବଦାନ ଅବିସ୍ମରଣୀୟ ଅଟେ। ସେ ଓଡ଼ିଶା ପାଇଁ ଯାହା ଗଢ଼ି ଯାଇଛନ୍ତି କଥା ରହିଯିବ କାଳ କାଳକୁ ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ବିନ୍ଦୁବାଳା ନନ୍ଦୀ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମବାୟ ବ୍ୟାଙ୍କ ଡାଇରେକ୍ଟର ତପନ ଦାସ, ଯୁବ ସଭାପତି ବିଶ୍ୱଜିତ ପାଳ, ସୁରଜ୍ ଚୌରାଶିୟା, ଆନନ୍ଦ କର, ମଧୁସୂଦନ ସେନାପତି, ମିର ଆବାସ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ଲେଲିନ ପ୍ରଧାନ ଶପଥ ପାଠ କରାଇଥିବା ବେଳେ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା ଧନ୍ୟବାଦ ଦେଇଥିଲେ।

## ରାଇବଣିଆ ଅଞ୍ଚଳର ୩ଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ଜଳେଶ୍ୱର, ୬।୩(ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ବିକାଶ ଧାରାକୁ ଆଗେଇ ନେବା ପାଇଁ ମନ୍ତ୍ରୀ ତତ୍ପର। ଗାଁ ରୁ ମୂଖ୍ୟ ରାସ୍ତାକୁ ସଂଯୋଗ ହେବା ପାଇଁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଆଜି ସକାଳ



୧୧ଘଟିକାରେ ବରଡିହା ଗ୍ରାମ ପଞ୍ଚାୟତର ଗୁକୁଣ୍ଡି ହାଟ ପଡ଼ିଆଠାରୁ ଲୁହାପଡ଼ା ରାସ୍ତା ପର୍ଯ୍ୟନ୍ତ ୬କୋଟି ୨୧ଲକ୍ଷ୍ୟ ବିନିମୟରେ ହେବାକୁ ଥିବା ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ମନ୍ତ୍ରୀ ଓ ଅପରାହ୍ନ ୪ଘଟିକା ସମୟରେ ରାଇବଣିଆ ଗ୍ରାମ ପଞ୍ଚାୟତର କୁଚୁଲା ବୁଢ଼ୀ ଠାକୁରାଣୀ ପୀଠ ଠାରୁ କବାଟ ଘାଟି ସେବାଶ୍ରମ ବିଦ୍ୟାଳୟର ପର୍ଯ୍ୟନ୍ତ ୫କୋଟି ୦୩ଲକ୍ଷ ବିନିମୟରେ ଏବଂ କମାରସାହି ଛକ ଠାରୁ ବାଉଁଶବଣି ଗ୍ରାମ୍ୟ ଉନ୍ନୟନ ରାସ୍ତା ଭାୟା ଗୁଣ୍ଡୁଣି ଛକ ୩କୋଟି ୯୩ଲକ୍ଷ୍ୟ ବିନିମୟ ରେ ହେବାକୁ ଥିବା ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ପର୍ଯ୍ୟଟନ ମନ୍ତ୍ରୀ। ଏହି ଉପଲକ୍ଷେ ଗୋକୁଣ୍ଡି ଠାରେ ଅନୁଷ୍ଠିତ ସାଧାରଣ ସଭାରେ ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ମୁନିନ୍ଦ୍ର ଧରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ଅଜୟ ମହାନ୍ତି ବ୍ଲକ ଅଧ୍ୟକ୍ଷ ମାନସ ଜେନା, କଳମା ଗ୍ରାମ ପଞ୍ଚାୟତର ସଦସ୍ୟ ଚିତ୍ତରଞ୍ଜନ ବେହେରା ସରପଞ୍ଚ ସୁବିନୀତା ଦତ୍ତ, ଉପସ୍ଥିତ ଥିବା ବେଳେ ଅପରାହ୍ନ ୫ଘଟିକା ସମୟରେ ରାଇବଣିଆ ହାଟ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ନାରୀ ନେତ୍ରୀ ଅଙ୍କିତା ଦାସ ସଭପତିତ୍ୱ କରିଥିଲେ। ସାନୀୟ ସରପଞ୍ଚ ସନ୍ଦୀପ ନାରାୟଣ ଘୋଷ, ଜିଲ୍ଲା ପରିଷଦ ତୁଳସୀ କିସ୍କୁ, ବ୍ଲକ ବିଜେଡି ସଭାପତି ଦିଲ୍ଲୀପ ସାମଲ ସଦସ୍ୟ ନାଗି ହେମ୍ରମ, କାଳିକା ର ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ ବିଷ୍ଣୁପଦ ଦାସ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୀତ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥଲେ।

## ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ସମାରୋହ ଉଦ୍‌ଯାପିତ

ଭୋଗରାଇ, ୬।୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ସନ୍ତୋଷୀ ମାତା ନିଉ ମାର୍କେଟରେ ୭ ଦିନ ବ୍ୟାପୀ ଅନୁଷ୍ଠିତ ୪୩ ତମ ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ସମାରୋହର ଉଦଯାପିତ ହୋଇଛି। ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ହରେନ୍ଦ୍ର ନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲା ରାମନଗର ପଞ୍ଚାୟତ ସମିତି ସଦସ୍ୟ ଦୀପକ ସାର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଇଂ ବିଦୁବେନ୍ଦୁ ପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଘନଶ୍ୟାମ ପାଢ଼ୀ, ତପନ ପାତ୍ର, ହାଇସ୍କୁଲ ଶିକ୍ଷକ ରାଜକିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇ ନାରୀ ଜାତିର ଶ୍ରେଷ୍ଠତ୍ୱ ଏବଂ ଓଡ଼ିଶା-ପଶ୍ଚିମବଙ୍ଗର ଭାଇଚାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସନ୍ତୋଷୀ ମାତା ପୂଜା କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସେଠୀ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଭାପତି ସୁବାସ ଜେନା ସ୍ୱାଗତ ଭାଷଣ, ସମ୍ପାଦକ ଅଶୋକ କୁମାର ଗିରି ବିବରଣୀ ପଠନ ଓ କୋଷାଧ୍ୟକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭୁବନେଶ୍ୱରର 'ଷ୍ଟାର ଇଭେଣ୍ଟ ନାଇଟ୍ସ'ର କଳାକାର ଓ ହାସ୍ୟ ଅଭିନେତା କମେଡି କିଙ୍ଗ ବୁଲୁଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କୁ ବାନ୍ଧି ରଖିଥିଲା।



## ବିଜୁବାବୁଙ୍କ ଜୟନ୍ତୀ

ଭୋଗରାଇ, ୬।୩ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ରସଲପୁର ପଞ୍ଚାୟତରେ ମହାନ ଜନନାୟକ, ରାଷ୍ଟ୍ରବାଦୀ ନେତା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସରପଞ୍ଚ ଉମାକାନ୍ତ ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ସରପଞ୍ଚ ସୁଷମା କର, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଦସ୍ୟା ବ୍ରତତୀ ପରିଡ଼ା, ପୂର୍ବତନ ସରପଞ୍ଚ ଅମୂଲ୍ୟ ସାହୁ ଓ ନିଶିକାନ୍ତ ସାହୁ, ଶିକ୍ଷକ ଅଚିନ୍ତ୍ୟ ଦାସ ମହାପାତ୍ର, ସମାଜସେବୀ ଅଶୋକ ପଣ୍ଡା, ଅକ୍ଷୟ କୁମାର ଦଳେଇ, ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଆମ ଦେଶ ତଥା ଜାତି ପ୍ରତି ଅମୂଲ୍ୟ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ମଞ୍ଚ ସଞ୍ଚାଳନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଦୀପ ବେହେରା, ସୁକୁମାର ମହାନ୍ତି, ଅରୁଣ ପ୍ରଧାନ, ପ୍ରତାପ ପ୍ରଧାନ, ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡସଭ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡି ପକ୍ଷରୁ ରକ୍ତଦାନ ଶିବିର



ରାଇବଣିଆ ୬।୩(ସମିସ): ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁବାବୁଙ୍କର ୧୦୮ ତମ ଜନ୍ମ ଜୟନ୍ତୀ ଅବସରରେ ଶିଖରପୁର ପଞ୍ଚାୟତ ମାଧବାନନ୍ଦ ଶିକ୍ଷାନିକେତନ, ମହୁଲିଆ ଠାରେ ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର, ଚେୟାରମ୍ୟାନ ମାନସ କୁମାର ଜେନା, ଜୀବନ ବିନ୍ଦୁର ସଂଯୋଜକ ମଧୁସୂଦନ ସେନାପତି, ସ୍ଥାନୀୟ ସଦସ୍ୟା ଅମ୍ବିକା ଜେନା, ପୂର୍ବତନ ସଦସ୍ୟ ଝାଡ଼େଶ୍ୱର ଦାସ, ସଞ୍ଜୟ ଦାସ, ଗୌରହରି ମାଣିକ ପ୍ରମୁଖ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଳରାମପୁର, ୬।୩(ସମିସ) : ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ରଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ସହକାରୀ ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ମୁଖ୍ୟଅତିଥି, ବରିଷ୍ଠ ଶିକ୍ଷାବିତ ତଥା ଶୁସାହିତ୍ୟିକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ସିଆରସିସି ବେଣୁଧର ପାତ୍ର, ବିଧାୟକ ପ୍ରତିନିଧି କମଳ ଲୋଚନ ବେହେରା, ଶିକ୍ଷକ ଅନନ୍ତ କୁମାର ରାଉଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ କୁମାର ବର୍ ବାର୍ଷିକ ବିବରଣୀ, କ୍ରୀଡା ଶିକ୍ଷକ ରଞ୍ଜନ କୁମାର ସାହୁ ମଞ୍ଚ ଆହ୍ୱାନ ଓ ସ୍ୱାଗତ ଭାଷଣ, ଶିକ୍ଷୟତ୍ରୀ ଉର୍ମିଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପୁରସ୍କାର ବିତରଣ ସଭାରେ ଅତିଥିମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହାକୁ ଶିକ୍ଷୟତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ସୀତା ସୋରେନ, ପାର୍ବତୀ ପ୍ରଧାନ, ଆୟା ସୁରଭି ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ବିଜେପିର ସାଂଗଠନିକ ବୈଠକ

ଚୌକି, ୬।୩ (ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତରେ ଥିବା କାଳାହି କାଳିପୂଜା ମନ୍ଦିର ପାର୍ଶ୍ୱରେ ବିଜେପିର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପି ବୁଥ ସଭାପତି ଉତ୍ତମ କୁମାର ଜେନାଙ୍କ ସଭାପତିତ୍ୱରେ ୩୩ ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ବ୍ରଜକିଶୋର ମହାନ୍ତି ଯୋଗ ଦେଇ ଥିଲେ। ଉକ୍ତ ବୈଠକରେ ମନ୍ଦାରସାହି ପଞ୍ଚାୟତର ବିଜେପି ସଭାପତି ଅଶୋକ ଦତ୍ତ, ପଞ୍ଚାୟତର ପୂର୍ବତନ ସଭାପତି ଦିଲ୍ଲୀପ ଗିରି, ସପନ ଗାୟନ, ଶ୍ୟାମସୁନ୍ଦର ପୁଷ୍ଟି, ସୁଶାନ୍ତ ଦାସମହାପାତ୍ର, ଦୀପକ୍ ସାହୁ, ରାଜକୁମାର ଦାସ, ସୁଭାଶିଷ ଦାସମହାପାତ୍ର, ରଞ୍ଜିତ ଦାସମହାପାତ୍ର, ସୁବ୍ରତ ଦାସ, ଜୟନ୍ତ ମାହାନା, ଚନ୍ଦନ ଦାସମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଗିରି, ରବୀନ୍ଦ୍ର ଦାସ, ରାଜୀବ ସେଠୀ ପ୍ରମୁଖ ବହୁସଂଖକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଉପାନ୍ତ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିକୁ ଟିପିଏନ୍‌ଓଡିଏଲର ଗୁରୁତ୍ୱ

ବାଲେଶ୍ୱର, ୬।୩(ସମିସ):

### ଚଢ଼େଇପାହାଡ଼ିରେ ଖୋଲିଲା ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର




ସମୃଦ୍ଧ ରାଷ୍ଟ୍ର ଗଠନ କରିବା ପାଇଁ ନାରୀ ସଶକ୍ତିକରଣର ଆବଶ୍ୟକତା ରହିଛି। ମହିଳାମାନଙ୍କୁ ଆତ୍ମନିର୍ଭର କରିବା ହିଁ ସଶକ୍ତିକରଣର ମୂଳଦୁଆ ଅଟେ। ତେଣୁ ମହିଳା ଓ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ଜରିଆରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ ପଦକ୍ଷେପ ଗ୍ରହଣ କରୁଛି। ଏହି ପରିପ୍ରେକ୍ଷୀରେ ଟିପିଏନଓଡିଏଲ ପକ୍ଷରୁ ଆଦିବାସୀ ଉପାନ୍ତ ଅଞ୍ଚଳ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଧିନସ୍ଥ ଚଢେଇପାହାଡିରେ ଏକ ପ୍ରଶିକ୍ଷଣ କେନ୍ଦ୍ରର ଲୋକାର୍ପଣ କରାଯାଇଛି। ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଦ୍ୱିଜଦାସ ବସକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମର୍ସିଆଲ ସର୍ଭିସେସ ଓ ସିଏସଆର ମୁଖ୍ୟ ପର୍ବିନ ବର୍ମା, ସିଏସଆର ମୁଖ୍ୟ ଦିଲ୍ଲୀପ ସାହୁ, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ହରିଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସିଇଓ ଶ୍ରୀ ବସକ ଆଶାୟୀ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହ ଟିପିଏନଓଡିଏଲ ଜାରି ରଖିଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗାଡି, ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଯୁବପିଢୀଙ୍କୁ ମାଗଣାରେ ଦିଆଯାଉଥିବା ପ୍ରଶିକ୍ଷଣ ଆଦି ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସେ ଆହୁରି ମଧ ଦର୍ଶାଇ ଥିଲେ ଯେ, ଏହି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ଅର୍ଥନୀତି ବିକାଶରେ ନିଶ୍ଚୟ ସହାୟକ ହେବ। ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ବିତରଣ ସହ ସାମାଜିକ ଦାୟିତ୍ୱବୋଧତାକୁ ମଧ ଟିପିଏନଓଡିଏଲ ଅଗ୍ରାଧିକାର ଦେଉଥିବା ସେ ଦର୍ଶାଇଥିଲେ। ତେବେ ପ୍ରାଥମିକ ପର୍ଯ୍ୟାୟରେ ସ୍ଥାନୀୟ ଅଧିବାସୀଙ୍କୁ ସିଲେଇ ଓ ପତର ପ୍ଲେଟ ତିଆରି ପାଇଁ ଶିକ୍ଷା ଦିଆଯିବ। ଏଥି ପାଇଁ ଅତ୍ୟାଧୁନିକ ଯନ୍ତ୍ରାଂଶ ଉପଲବ୍ଧ କରାଯାଇଥିବାବେଳେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା ପାଇଁ ମଧ ସମସ୍ତ ବ୍ୟବସ୍ଥା କରାଯାଇଛି। ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ଟିପିଏନଓଡିଏଲ ଅଗ୍ରାଧିକାର ଦେବା ସହ ଉପଭୋକ୍ତାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଛି। ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହା ସହ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡିର ବ୍ୟବସ୍ଥା କରିଛି। ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରୁ ପ୍ରଶିକ୍ଷଣ ନେଇ ଯୁବବର୍ଗ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇବାର ସୁଯୋଗ ପାଇଛନ୍ତି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯିବା ସହ ଆତ୍ମନିର୍ଭରଶୀଳ କରାଇବା ଦିଗରେ ମଧ ଟିପିଏନଓଡିଏଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ଗ୍ରୁପ୍ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରି ଯୁବକ ଫେରାର

# ଅଭିଯୋଗକୁ ମାସେ ବିତିଲାଣି, ତଦନ୍ତ କରୁନି ପୁଲିସ

**ରାଜଘାଟ, ୬ ।୩ (ସମିସ) :** ବସ୍ତା ଥାନା ଅର୍ନ୍ତଗତ ଭେଲୋରା ପଞ୍ଚାୟତ ବାଇତିପଡ଼ା ଗ୍ରାମର ଜଣେ ଯୁବକ କିଛି ଗ୍ରୁପ ମହିଳା ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରି ଫେରାର ହୋଇଯାଇଥିବା ନେଇ ଅମର୍ଦ୍ଦାରୋଡ ଫାଣ୍ଡିରେ ଦୁଇମାସ ପୂର୍ବେ ଅଭିଯୋଗ ହୋଇଥିଲା। ମାତ୍ର ପୁଲିସ ଉକ୍ତ ଯୁବକଙ୍କୁ ଟଙ୍କା ଦବାର ସଠିକ୍ ପ୍ରମାଣ ପତ୍ର ଦେଲେ ପୁଲିସ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଥିଲା। ମାତ୍ର ପୁଲିସକୁ ଟଙ୍କା ଦବାର ସଠିକ୍ ପ୍ରମାଣ ପତ୍ର ଦିଆଯିବାକୁ ମାସେ ବିତିଥିଲେ ହେଁ ପୁଲିସ ଉକ୍ତ ଯୁବକକୁ ଡାକି ପଚରା ଉଚରା କରିବା କିମ୍ବା ଏତଲାକୁ ନଥିଭୁକ୍ତୀକରଣ କରୁନି। ଅଭିଯୋଗ ଅନୁସାରେ, ଗ୍ରାମର ରମେଶ ମହାନ୍ତି ଏକାଧିକ ମହିଳାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବିଭିନ୍ନ ଘରୋଇ ବ୍ୟାଙ୍କରୁ ମହିଳା ମାନଙ୍କ ଦ୍ୱାରା ଗ୍ରୁପ ଲୋନ ମାଧ୍ୟମରେ ୧୩ଲକ୍ଷରୁ ଉର୍ଦ୍ଧ ଟଙ୍କା ଠକିନେଇ ଫେରାର ହୋଇଯାଇଥିଲେ। ଏ ନେଇ ଗତ ନଭେମ୍ବର ୨୮ ତାରିଖରେ ଠକେଇର ଶିକାର ହୋଇଥିବା ବାଇତିପଡ଼ା ଗ୍ରାମର ସୁକାନ୍ତି ବାରିକ, ତାରାମଣି ବାରିକ, କୁନିମଣି ବାରିକ, ଲିଲି ବାରିକ, ମିନତି ମଣ୍ଡଳ, ରଶ୍ମିରେଖା ଜେନା ଆଦି ମହିଳା ସ୍ଥାନୀୟ ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ ମଧ କରିଥିଲେ। ମାତ୍ର ପୁଲିସ ଉକ୍ତ ଯୁବକଙ୍କୁ ଟଙ୍କା ଦବାର ସଠିକ୍ ପ୍ରମାଣ ପତ୍ର ଦେଲେ ପୁଲିସ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଥିଲା।ଏହାପରେ ମହିଳାମାନେ ବାଇତିପଡ଼ା ବ୍ୟାଙ୍କ ଅଫ୍ ଇଣ୍ଡିଆ ଗ୍ରାହକ ସେବାକେନ୍ଦ୍ର ମାଧ୍ୟମରେ ରମେଶଙ୍କ ଆକାଉଣ୍ଟକୁ ପଠା ଯାଇଥିବା ଟଙ୍କା ନେଣଦେଣର ପ୍ରମାଣ ପତ୍ରକୁ ହସ୍ତଗତ କରିବା ଲାଗି ତମ୍ବାଖୁରୀ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପ୍ରବନ୍ଧକଙ୍କ ଜରିଆରେ ଭୁବନେଶ୍ୱର ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ନିକଟକୁ ଆବେଦନ କରିଥିଲେ। ସେପଟେ ରମେଶ ଘରେ ନଥିବା ସମୟରେ ଉକ୍ତ ଗ୍ରୁପ ମହିଳାଙ୍କ ମଧ୍ୟରୁ କୁନିମଣି ବାରିକଙ୍କ ସମେତ ପୁଅ ଅଜୟ, ବୋହୂ ସୁକାନ୍ତି ଓ ସାନ ଭାଇ ବିଜୟ ରମେଶଙ୍କ କାକା ରାଖାଲ ଚନ୍ଦ୍ର ମହାନ୍ତିଙ୍କ ଘରକୁ ଟଙ୍କା ଉସୁଲ କରିବାକୁ ଯାଇ ରାଖାଲଙ୍କ ଉପରକୁ ମାରଣାସ୍ତ୍ରରେ ସଂଘବଦ୍ଧ ହୋଇ ଆକ୍ରମଣ କରିବାର ଉଦ୍ୟମ ସହ ଜୀବନରୁ ମାରିଦେବାର ଧମକ ଦେଇଥିବା ନେଇ ରାଖାଲ ବସ୍ତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୩୩୭/୨୩ ମୂଳେ ମାମଲା ରୁଜୁ କରିଥିଲା। ଏହାପରେ ଅଜୟଙ୍କ ପରିବାର ପକ୍ଷରୁ ଅଗ୍ରୀମ ଜାମିନ୍ ଆବେଦନ କରିଥିଲେ। ଠିକ୍ ସେହିଭଳି ସମାନ ଅଭିଯୋଗ ଆଣିଛନ୍ତି ଗ୍ରୁପର ମିନତି ମଣ୍ଡଳ ନାମକ ଅନ୍ୟ ଜଣେ ମହିଳା। ମିନତି ବ୍ୟାଙ୍କରେ ଖାତାରୁ ୧ଲକ୍ଷ ୯୫ହଜାର ଟଙ୍କା ଉଠାଇ ରମେଶଙ୍କୁ ହାତାହାତି ଦେଇଥିବା ସହ ସ୍ଥାନୀୟ ବାଇତପଡ଼ା ବ୍ୟାଙ୍କ ଅଫ୍ ଇଣ୍ଡିଆ କିଓସ୍କ ବ୍ୟାଙ୍କରେ ଟିପ ଚିହ୍ନ ମାଧ୍ୟମରେ ୫୫ହଜାର ୪ଶହ ଅଜାଣତରେ ତାଙ୍କ ଖାତାକୁ ନେଇଯାଇଛନ୍ତି। ସେହିପରି ସୁକାନ୍ତି ବାରିକ, ଲିଲି ବାରିକ ମଧ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ସକାଶେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି, ପୁଲିସ ଡିଜି, ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ, ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ଓ ଆଇଜି, ବସ୍ତା ପୁଲିସ ଉପଖଣ୍ଡ ଅଧିକାରୀଙ୍କ ସମେତ ମାନବାଧିକାର କମିସନରଙ୍କୁ ଠକେଇର ଶିକାର ମହିଳାମାନେ ଲିଖିତ ଅଭିଯୋଗ କରିଛନ୍ତି।

## ବିଜୁ ଜୟନ୍ତୀ ଅବସରରେ ଗଣଦୌଡ଼ ଓ ସାଧାରଣ ସଭା



**ଖଇରା, ୬ ।୩ (ସମିସ):** ଖଇରା ବ୍ଲକରେ ବିଜୁଜୟନ୍ତୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରୋଗୀଙ୍କୁ ଫଳ ବଣ୍ଟନ, ଗଣଦୌଡ ଓ ଶେଷରେ ଅପରାହ୍ନରେ ଖଇରା ଦୁର୍ଗାମଣ୍ଡପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ବିଜୁବାବୁ ଦେଇଥିବା ସ୍ଲୋଗାନ 'ଗାଁକୁ କାମ ମାକୁ ସମ୍ମାନ' ଯାହାକୁ ତାଙ୍କ ପୁଅ ନବୀନ ବାବୁ ମଧ ପାଳନ କରି ଦେଖାଇଛନ୍ତି। ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡ଼ା, ଜିଲାପରିଷଦ ସଭ୍ୟ ମାନସ ମହାପାତ୍ର, ସଭ୍ୟା ରଶ୍ମିତା ମହାପାତ୍ର, ପୁର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ରବିଜେଡି ମହିଳା ସଭାପତି ଜୟନ୍ତୀ ମହଲା, ବିଜେଡି ଛାତ୍ରଜନତା ସଭାପତି ଗୌତମ ରାଉତ, ଖଇରା ସରପଞ୍ଚ ମାଳତୀ ସେଠୀ, ସମିତି ସଭ୍ୟା ନର୍ମଦା ଦେଓ, ଯୁବନେତା ସମ୍ପଦ ଘଡେଇ, ସାରକୋଣା ସରପଞ୍ଚ ସୁଶାନ୍ତ ନାୟକ ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ।

## ସହାୟତାର ହାତ ବଢ଼ାଇଲେ ବିବିସିସି ବ୍ୟାଙ୍କ ସଭାପତି

**ଖଇରା, ୬ ।୩ (ସମିସ):** ଖଇରା ବ୍ଲକ ରଟିଣା ଗ୍ରାମ ପଞ୍ଚାୟତ ଦେଉରୀ ସାହିର ଚଗୁଲୁ ଦେଉରୀ ଓ ସାଥୀ ସୁବାସ ଦେଉରୀ ଯାଜପୁର-ଆନନ୍ଦପୁର ରାସ୍ତାରେ ବାଇକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଖବର ପାଇ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଜିଲା ସଭାପତି ଗଣେଷ ପ୍ରସାଦ ମହାପାତ୍ର ଉକ୍ତ ଗ୍ରାମକୁ ଶୋକାଭିଭୁତ ଉଭୟ ପରିବାରକୁ ଭେଟି ସହାୟତାର ହାତ ବଢ଼ାଇଛନ୍ତି। ବର୍ତ୍ତନା ସେବା ସମବାୟ ସମିତି ସଭାପତି ନିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

## ତାରିଣୀ ମନ୍ଦିର ପାଇଁ ଭୂମିପୂଜା

**ବଳରାମପୁର, ୬।୩ (ସମିସ):** ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଖଗଡ଼ାପାଳ ଗ୍ରାମର ବ୍ଲକ ଛକ ଟି. ଭି .ଏସ ସୋ ରୁମ୍ ଠାରୁ ଗାର୍ଲ୍ସ ହାଇସ୍କୁଲ ପଛପଟ ରାସ୍ତା ଅଙ୍ଗନବାଡି କେନ୍ଦ୍ର ନିକଟରେ ନୂଆ ତାରିଣୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଏଥି ପାଇଁ ୮/୧୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଭୂମି ପୂଜା ଉତ୍ସବରେ ଖଗେନ୍ଦ୍ର ନାଥ ପାତ୍ର, ହେମନ୍ତ କୁମାର ପରିଡ଼ା, ଦାମୋଦର ପ୍ରଧାନ, ରାମ ଚନ୍ଦ୍ର ତ୍ରିପାଠୀ, ପ୍ରଭାତ ରଞ୍ଜନ ରାଉତ, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ଭୀମ ଚରଣ ସାମଲ, ଅଧ୍ୟାପକ ଡ. ସୁକାନ୍ତ ଗିରି, ଟୁନା ମହାନ୍ତି, ନାରାୟଣ ଗିରି, ପୂର୍ଣ୍ଣଚନ୍ଦ୍ର ଦାସ, ସନ୍ୟାସୀ ପରିଡ଼ା, ବୁଲା ପରିଡ଼ା, ଦେବ ଦତ୍ତ ପଣ୍ଡା, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## କେଶବକବି କୃଷ୍ଣ ପ୍ରସାଦଙ୍କ ଜୟନ୍ତୀ ପାଳିତ

**ସୋର, ୬।୩(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବିଶ୍ରାମଗୃହରେ କେଶବକବି କୃଷ୍ଣ ପ୍ରସାଦଙ୍କ ୧୦୯ ତମ ଜୟନ୍ତୀ ସଭାପତି ମିହିର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେଶବକବି କୃଷ୍ଣ ପ୍ରସାଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅତିଥି ମାନେ କବିଙ୍କ ନାଟକ ଏବଂ କବିତା ସମୂହ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଚେମେଇ ଦାସ ଏବଂ ମୁଖ୍ୟ ବକ୍ତା ଭାବେ ଗୋଶାଳା ସଭାପତି ପଦ୍ମଲୋଚନ ଦ୍ୱିବେଦୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭ୍ୟ ତଥା ବେହେରା ମାଷ୍ଟ୍ରେଙ୍କ ନାଟକରେ ଅଭିନୟ କରିଥିବା ଶଙ୍କର୍ଷଣ ଜେନା କବିଙ୍କ ପ୍ରକୃତି ପ୍ରେମ, ନାନାବାୟା ଗୀତ, ଯୁଗଳ ସଙ୍ଗୀତ, ଭଞ୍ଜନ, ଜଣାଣ ଉପରେ ଆଲୋକପାତ କରିଥିଲେ। ନାଗରିକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତ ନାଟ୍ୟକାର କୃଷ୍ଣ ପ୍ରସାଦଙ୍କ ସ୍ୱର ସଂଯୋଜନା ଯାହା ସାଧାରଣ ଜନତାଙ୍କୁ ମନ୍ତ୍ର ମୁଗ୍ଧ କରୁଥିଲା ବୋଲି ନିଜ ବକ୍ତବ୍ୟରେ କହିଥିଲେ। କବିଙ୍କ ଅନ୍ୟତମ ଛାତ୍ର ପୁରୁଷୋତ୍ତମ ପଣ୍ଡା, ଦାମୋଦର ଦାଶମହାପାତ୍ର, କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ଶ୍ରୀଧର ପତ୍ରି, ଗଙ୍ଗାଧର ହୋତା କୃଷ୍ଣପ୍ରସାଦଙ୍କୁ ଏକାଧାରରେ ଜଣେ ବାଦ୍ୟକାର, ନାଟ୍ୟକାର, ଅଭିନେତା ଏବଂ ସ୍ୱର ସଂଯୋଜକ ଭାବେ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରିଥିଲେ। ପୁଷ୍ପାରାଣୀ ନାୟକ ଶେଷରେ କବିଙ୍କ ଭାରତ ବନ୍ଦନା ଗାନ କରିଥିଲେ। ଉଦ୍ଧବ ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିବା ସହିତ ଉପସଭାପତି ସୁଧାକର ନାୟକଙ୍କ ବାର୍ତ୍ତା ପାଠ କରିଥିଲେ।

### ● ମିଲେଟ ରୋଷେଇ ପ୍ରତିଯୋଗିତା

## ଗଡ଼ସାହି ଓ ଈଶ୍ୱରପୁର ପ୍ରଥମ



**ଔପଦା, ୬।୩ (ସମିସ):** ଓଡ଼ିଶା ମିଲେଟ୍ ମିଶନ ଆନୁକୂଲ୍ୟରେ ଔପଦା ବ୍ଲକର ମିଶନ ଶକ୍ତି ମହିଳାଙ୍କୁ ନେଇ ସିଡିପିଓ ଅଫିସ ପରିସରରେ ଏକ ମିଲେଟ କୁକିଂ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଫତେପୁର, ଗଡ଼ସାହି, ରାଇରାମଚନ୍ଦ୍ରପୁର, ଈଶ୍ୱରପୁର, ବାଉଁଶବଣିଆ, ଦକ୍ଷିଣନରସିଂହପୁର, ଶ୍ୟାମସୁନ୍ଦରପୁର ଆଦି ପଞ୍ଚାୟତର ୨୧ ଜଣ ମିଶନ ଶକ୍ତି ମହିଳା ଭାଗ ନେଇଥିଲେ। ମିଶନ ଶକ୍ତି ମା ମାନଙ୍କ ଦ୍ୱାରା ମାଣ୍ଡିଆରୁ କେକ୍, ଦହିବରା, ବରା, ଲସି, ଇଟିଲି, କାକରା, ମୁରୁକୁ, ପକୁଡ଼ି, ସୁପ୍, ତମ୍ପା, ମୋମୋ, ଝୁରି ଭଜା ଏବଂ ସୁଆଁରେ ତିଆରି କ୍ଷୀରି ଇତ୍ୟାଦି ପ୍ରସ୍ତୁତ କରାଯାଇଥିଲା। ବିଚାରକ ଭାବରେ ଔପଦା ବିଡ଼ିଓ ଆଦିକନ୍ଦ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ମମତାରାଣୀ ମହନ୍ତ, ଔପଦା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ, ଯୁକ୍ତ ଦୁଇ ଓଡ଼ିଆ ବିଭାଗର ଅଧ୍ୟାପିକା ବୀଣାପାଣି ଷଣ୍ଢ ପ୍ରମୁଖ ଉପସ୍ଥିତ ରହିଥିଲେ। ଗଡ଼ସାହି ପଞ୍ଚାୟତ ଓ ଈଶ୍ୱରପୁର୍ ପଞ୍ଚାୟତ ପ୍ରଥମ ସ୍ଥାନ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ଓ ଦକ୍ଷିଣ ନରସିଂହପୁର ପଞ୍ଚାୟତ ଦ୍ୱିତୀୟ ସ୍ଥାନ ଏବଂ ଫତେପୁର ପଞ୍ଚାୟତ ଓ ବାଉଁସବଣିଆ ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶରୀର ପାଇଁ ମିଲେଟର ଗୁଣାଟକ ଆବଶ୍ୟକତା କୁ ଉପଲବ୍ଧି କରି ଘରେ ଘରେ ମିଲେଟ କୁ ପହଞ୍ଚାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି ବୋଲି ମିଲେଟ ମିଶନର ଜିଲ୍ଲା ସ୍କିମ୍ ଅଫିସର ତଥା ଏଡ଼ିଏ ସରୋଜ ଗିରି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମିଲେଟ ମିଶନ ତରଫରୁ ଡିପିସି ଅଜୟ ରାଉତ, ଅଜୟ ଗୋଛାୟତ ପ୍ରମୁଖ ଉପସ୍ଥିତ ରହିଥିଲା ବେଳେ ସିଡିପିଓ ଅଫିସର ସୁପରଭାଇଜର ସସ୍ମିତା ସିଂ ଓ ଇନଚାର୍ଜ ବିପିସି ନରେନ୍ଦ୍ର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତାରକେଶ୍ୱର ଦ୍ୱାଦଶ ରାଶି ଯଜ୍ଞ ଓ ପ୍ରତିଭାସମ୍ମାନ ମହୋତ୍ସବ

**ବାଲେଶ୍ୱର, ୬।୩ (ସମିସ):** ଖଇରା ବ୍ଲକ ଅଚ୍ୟୁତିପୁର ପଞ୍ଚାୟତ ଶିରିପୁର ବାସିନ୍ଦିପୁରଠାରେ ୨୩ତମ ବାବା ତାରକେଶ୍ୱର ବିଶ୍ୱଶାନ୍ତି ଦ୍ୱାଦଶ ରାଶି ଯଜ୍ଞ ଏବଂ ୧୩ତମ ପ୍ରତିଭାସମ୍ମାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୬ ଦିନଧରି ଚାଲିବାକୁ ଥିବା ଯଜ୍ଞର ତୃତୀୟ ଦିନରେ ତାରକେଶ୍ୱରଙ୍କ ୧୦୦୮ ଆହୁତି ସାଙ୍ଗକୁ ଜଳାଭିଷେକ କରାଯାଇଥିଲା। ପଣ୍ଡିତ ମୁକ୍ତିକାନ୍ତ ପାଢ଼ୀଙ୍କ ଦ୍ୱାରା ଆୟୋଜିତ ଯଜ୍ଞରେ ପଣ୍ଡିତ ବ୍ରଜକିଶୋର ଶତପଥୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ସମାପନ ହୋଇଥିବା ବେଳେ, ପ୍ରତିଭାସମ୍ମାନର ପ୍ରଥମ ଦିବସରେ ଦିପ୍ତିକାନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଉଦୟ ପାତ୍ର, ଭଗବାନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କମିଟିର ସଭାପତି ଶଶୀକାନ୍ତ ବେହେରା, ସମ୍ପାଦକ ମୁକ୍ତିକାନ୍ତ ପାଢ଼ୀ, ମେମ୍ବର ଦାମୋଦର ସାହୁ, ଭଗବାନ ସାହୁ, ଦାମୋଦର ସାହୁ, ପାଣ୍ଡବ ବେହେରା, ପାଜି ରାଉତ, ରାଜେନ୍ଦ୍ର ବେହେରା, ରତିକାନ୍ତ ବେହେରା, ଦିପ୍ତିକାନ୍ତ ପାଢ଼ୀ, ତୃପ୍ତିକାନ୍ତ ପାଢ଼ୀ, ଗୁଲୁ ସାମଲ, ମହେନ୍ଦ୍ର ବେହେରା, କୈଳାସ ବେହେରା, ବାପିନ ସାମଲ, ଚକ୍ରଧର ବେହେରା, ବୈଦ୍ୟନାଥ ସାମଲ, ରାଧାକାନ୍ତ ସାମଲ, ଉପେନ୍ଦ୍ର ବେହେରା, ଟୁନା ବେହେରା, କଟିଆ ବେହେରା, ଗୌରାଙ୍ଗ ବେହେରା, ଟିକୁ ସାମଲ, ଚର୍ତୁଭୂଜ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।



### ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ

## ଇଂରାଜୀ ଓ ବାଣିଜ୍ୟ ବିଭାଗର ପାଠଚକ୍ର

**ସୋର, ୬।୩(ସମିସ):** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟଇଂରାଜୀ ବିଭାଗର 'ଓଡ଼ିଶାର ଶ୍ରେଣୀଗୃହରେ ଇଂରାଜୀ ଭାଷା ଓ ସାହିତ୍ୟର ଶିକ୍ଷାଦାନ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରି ଏଥିରେ ସଭାପତିତ୍ୱ କରିଥିଲେ। ଇଂରାଜୀ ପ୍ରାଧ୍ୟାପକ ଡ. କାଳୀଶଙ୍କର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇଂରାଜୀ ଭାଷା ସାହିତ୍ୟ ଆବଶ୍ୟକତା ଓ ଏହାକୁ ଓଡ଼ିଶାର ଶ୍ରେଣୀ ଗୃହରେ ଶିକ୍ଷାଦାନର ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ବକ୍ତା ପ୍ରଫେସର ମେରୀ ମହାନ୍ତି ଯୋଗଦେଇ ଇଂରାଜୀ ଭାଷା ସାହିତ୍ୟ ଶିକ୍ଷାଦାନ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଦୀନକୃଷ୍ଣ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ଇଂରାଜୀ ଭାଷା ସାହିତ୍ୟରେ ବିଭିନ୍ନ ଅସୁବିଧା ଉପରେ ଆଲୋଚନା କରିଥିଲେ। ଫକୀରମୋହନ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ସଂଯୁକ୍ତା ସାମଲ ଶ୍ରେଣୀଗୃହରେ ଇଂରାଜୀ ଉଚ୍ଚାରଣଗତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ କଲେଜର ଅଧ୍ୟାପିକା ତୀର୍ଥଜା ପ୍ରିୟଦର୍ଶିନୀ ନାୟକ ଇଂରାଜୀ ଶିକ୍ଷାଦାନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ରଞ୍ଜିତା ବାରିକ, ଅଧ୍ୟାପିକା ଶାକମ୍ବରୀ ଦାସ, ସୂର୍ଯ୍ୟକାନ୍ତ ରଣା, ପ୍ରୀତିସ୍ମିତା ମହାନ୍ତି ଏହି ଆଲୋଚନାଚକ୍ରରେ ଶ୍ରେଣୀଗୃହରେ ଇଂରାଜୀ ଶିକ୍ଷାପଦ୍ଧତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଶ୍ୟାମା ସୁନାଲୀ କାଣ୍ଡୋରଲନା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୧୧ ଜଣ ସମ୍ମାନର ଛାତ୍ରଛାତ୍ରୀ ସନ୍ଦର୍ଭପାଠ କରିଥିଲେ। ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା, ସୁବ୍ରତ କୁମାର ପଟ୍ଟନାୟ, କର୍ମଚାରୀ ନରେନ୍ଦ୍ର ମହାଳିକ ସହଯୋଗ କରିଥିଲେ।

ସେହିପରି ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର 'ପୁଞ୍ଜି ବିନିଯୋଗର ସୁଯୋଗ ଏବଂ ତା'ର ପ୍ରଭାବ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଗଜେନ୍ଦ୍ର କୁମାରେ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରାଧ୍ୟାପକ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଜନାର୍ଦ୍ଦନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇ ବିଷୟ ବସ୍ତୁ ଉପରେ ସମ୍ୟକ୍ ସୂଚନା ଦେଇଥିଲେ। ବିଷୟ ବିଶାରଦ ଦୀପକ ମହାଳିକ ପୁଞ୍ଜି ବିନିଯୋଗ ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ, ଭାଗୀରଥି ଘଡ଼ାଇ, ଅଧ୍ୟାପିକା ସ୍ମରଣିକା ଲେଙ୍କା ଏବଂ ଅପ୍‌ସାନା ଖାତୁନ୍ ଏହି କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ୨୫ ଜଣ ଛାତ୍ରଛାତ୍ରୀ ସେମାନଙ୍କର ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ସୁଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଗୀଙ୍କୁ ସହାୟତା ପ୍ରଦାନ କଲା ପୂଜ୍ୟପୂଜା ସଂସଦ

**ସୋର, ୬।୩(ସମିସ):** ସୋର ବ୍ଲକ ବାଲଙ୍ଗ ପଞ୍ଚାୟତ ରେଓଦା ଗ୍ରାମରେ ଗଢି ଉଠିଥିବା ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନପକ୍ଷରୁ ଜଣେ ଫୁସଫୁସ ରୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ବାହାନଗା ବ୍ଲକ କୋଚିଆକୋଇଲି ପଞ୍ଚାୟତର ଯତୀନ୍ଦ୍ର ଦୀକ୍ଷିତ ଆଜକୁ ଏକ ବର୍ଷରୁ ଅଧିକ କାଳ ଧରି ଦୁଇଟି ଫୁସଫୁସ ହରାଇ ଅର୍ଥାଭାବରୁ ଚିକିତ୍ସା ହୋଇ ନ ପାରି ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ତେଣୁ ସହାୟତା ପାଇଁ ସଂସଦର ସଦସ୍ୟ ତଥା ଦହିସଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ପାଣିଗ୍ରାହୀଙ୍କୁ ଜଣାଇଥିଲେ। ଯତୀନ୍ଦ୍ର ଜଣେ ସୁନ୍ଦର ପଥରଶିଳ୍ପୀ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିଲେ। ବାପା ଜଣେ ଦିନ ମଜୁରୀଆ, ଘରର ଆର୍ଥିକ ଭଲ ନୁହେଁ, ଫୁସଫୁସ ପ୍ରତିରୋପଣ ପାଇଁ ୨୦ ଲକ୍ଷ ଟଙ୍କାର ଆବଶ୍ୟକତା ଅଛି।ତେଣୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସେ ସବୁଆଡେ ନିବେଦନ କରୁଛନ୍ତି। ଏହି ଖବର ପାଇ ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନର ସମସ୍ତ ସଭ୍ୟ/ ସଭ୍ୟା ନିଜ ନିଜର ଖର୍ଚ୍ଚରୁ କିଛି କିଛି ବାହାର କରି ଯତୀନ୍ଦ୍ରଙ୍କୁ ୧୫୦୦୦/ ହଜାର ଟଙ୍କାର ସହାୟତା କରିଛନ୍ତି। ଏହି ସମୟରେ ସଭାପତି ଅକ୍ଷୟ କର, ସଭ୍ୟ ଶ୍ରୀକାନ୍ତ ଧଳ, ତ୍ରୈଲୋକ୍ୟ ଜେନା, ଶିକ୍ଷକ ମାନସ ରଞ୍ଜନ ପାଣିଗ୍ରାହୀ, ଭଗବାନ ଦାସ, ପ୍ରଦୀପ ସାମଲ, ଭରତ ଚନ୍ଦ୍ର ସାହୁ, ଭଗବାନ ପଣ୍ଡା, ସୁକାନ୍ତୀ ସାହୁ ମିନତି ପଣ୍ଡା, ମାନସି ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱମ୍ବରନାଥ ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ' ଉତ୍ସବ

**ସୋର, ୬।୩ (ସମିସ):** ସୋର ବ୍ଲକ ତଳନଗର ପଞ୍ଚାୟତରେ ଥିବା ବିଶ୍ୱମ୍ବରନାଥ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଉତ୍ସବ ବିଦ୍ୟାଳୟର ମୋ ସ୍କୁଲ କମିଟିର ପୁରାତନ ଛାତ୍ର ସଂସଦ ସଭାପତି ସତ୍ୟାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସବିରା ପତ୍ରଶୁଣି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ କୁମାର ପାଢ଼ୀ ଯୋଗଦେଇ ବିଦ୍ୟାଳୟର ୫-ଟି କାର୍ଯ୍ୟକ୍ରମ, ଆକାଂକ୍ଷା କାର୍ଯ୍ୟକ୍ରମ ଏବଂ ହାଉସ ସିଷ୍ଟମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅମୀୟ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପୃଷ୍ଟି, ପରିଚାଳନା କମିଟି ସଦସ୍ୟ ନରେନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ବିଦ୍ୟାଳୟ ଏବଂ ଗୁଣା।କ ଶିକ୍ଷାର ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷକ ଅନିରୁଦ୍ଧ ରାଉତ, ଗଣେଷ ପାଢ଼ୀ, ଅଭିମନ୍ୟୁ ଦୀକ୍ଷିତ, ଶିକ୍ଷୟିତ୍ରୀ ମିନତୀ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ବିଶ୍ୱାଳ, ପ୍ରଶାନ୍ତ କୁମାର ପଲେଇ, ବିଷ୍ଣୁ ମୋହନ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




## ଶଙ୍ଖାରୀ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା



**ଚନ୍ଦନେଶ୍ୱର, ୬।୩ (ସମିସ) :** ବାଲେଶ୍ୱର ଜିଲ୍ଲାର ୨୪୯ ସେବା ସମବାୟ ସମିତି ମଧ୍ୟରୁ ଅନ୍ୟତମ ଭୋଗରାଇର ହୁଗୁଳି, ଗୋଛିଦାତେଘରି, ଶଙ୍ଖାରୀ, ବାଜିତପୁର, ଶ୍ରଦ୍ଧାପୁର ସାହାବାଜୀପୁର ଆଦି ପଞ୍ଚାୟତର ମେମ୍ବର ମାନଙ୍କୁ ନେଇ ୧୯୫୪ ମସିହାରେ ଗଢ଼ିଉଠିଥିବା ଭୋଗରାଇ ବ୍ଲକର ଦୁଇ ନମ୍ବର ଉତ୍କୃଷ୍ଟ ସମବାୟ ସମିତି ଭାବେ ପରିଚିତ ଶଙ୍ଖାରୀ ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମଙ୍ଗଳବାର ୨୦୨୩-୨୪ ମସିହାର ବାର୍ଷିକ ସାଧାରଣ ସଭା ଓ ଆୟବ୍ୟୟ ଅଟକଳ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମୂହ ସମବାୟ ସମିତି କର୍ମଚାରୀ ଆନ୍ଦୋଳନରେ ଥିବାରୁ ସମିତିର ପୂର୍ବତନ ସମ୍ପାଦକ ଶୁସାନ୍ତ ଦାସ ବାର୍ଷିକ ବିବରଣୀ ପାଠ କରିବା ସହିତ ଗତ ଆର୍ଥିକ ବର୍ଷ ୨୦୨୩-୨୪ ବର୍ଷର ଜମା ଖର୍ଚ୍ଚ ପଠନ କରିଥିଲେ। ସରକାର ଗ୍ରାମାଞ୍ଚଳର ଲୋକ ମାନଙ୍କୁ ବହୁବିଧ ସୁବିଧା ଯୋଗାଇଦେବା ପାଇଁ ସମବାୟ ସମିତି ମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ଏତତ୍ ଭିନ୍ନ ନାବାର୍ଡ ସହାୟତାରେ କୃଷକ ମାନଙ୍କୁ ଧାନ, ପାନ, ମାଛ ଚାଷ, ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ବିଭିନ୍ନ ପ୍ରକାର କର୍ମ ନିଯୋଜନ ପାଇଁ ସମବାୟ ସମିତି ଋଣ ପ୍ରଦାନ କରିଥାଏ। ଏକଥା ମୁଖ୍ୟ ଅତିଥି ବାଲେଶ୍ୱର-ଭଦ୍ରଖ କେନ୍ଦ୍ର ସମବାୟ ବ୍ୟାଙ୍କର ଭୋଗରାଇ ଶାଖା ପରିଚାଳକ ଅନନ୍ତ ଦାସ, ମୁଖ୍ୟ ବକ୍ତା ବାଲେଶ୍ୱର-ଭଦ୍ରଖ କେନ୍ଦ୍ରୀୟ ସମବାୟ ସମିତିର ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସଭାପତି ତଥା ଡାଇରେକ୍ଟର ନଗେନ୍ଦ୍ର ପାତ୍ର, ଶଙ୍ଖାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ସଭାପତି ନଗେନ୍ଦ୍ର ଜେନା, ଗୋଛିଦାତେଘରି ପଞ୍ଚାୟତର ସମିତି ସଦସ୍ୟ ରାଧାଶ୍ୟାମ ଦେ, ଡାଇରେକ୍ଟର ଭୋଳାନାଥ ବେହେରା, ହୁଗୁଳି ପଞ୍ଚାୟତର ସମିତି ସଦସ୍ୟ ଗୋବିନ୍ଦ ଦାସ, ପୂର୍ବତନ ଡାଇରେକ୍ଟର ବ୍ରତ କୁମାର ପାଣିଗ୍ରାହୀ, ସାମ୍ବାଦିକ ସୁବାସ ଦାସ, ଡାଇରେକ୍ଟର ସୁଧୀର ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମିତି ଡାଇରେକ୍ଟର ପ୍ରଭାତ କୁମାର ଗିରି, ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ସମିତିର ମେମ୍ବର ଶମ୍ଭୁନାଥ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇରନ୍ ମ୍ୟାନ୍ ଲକ୍ଷ୍ୟରେ ନାରାୟଣ

**ଜଳେଶ୍ୱର ବ୍ଲକ, ୬।୩ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମର ଜଣେ ଲଢୁଆ ପୁଅ ନାରାୟଣ। ବାପା ନରୋତ୍ତମ କୁଣ୍ଡ ଚାଷ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉ ଥିବା ବେଳେ ପୁଅ ନାରାୟଣ ଭୁବନେଶ୍ୱର ରେ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ତେବେ ଲକ୍ଷ୍ୟ ତାଙ୍କର ଆଇରନ ମ୍ୟାନ। ସେଥିପାଇଁ ସେ ଦୀର୍ଘଦିନ ଧରି ନିଜକୁ ପ୍ରସ୍ତୁତି କରି ଚାଲିଛନ୍ତି।୨୦୨୩ ମସିହା ଫେବୃଆରୀ ମାସ ୧୦ ତାରିଖରୁ ପ୍ରଥମ ଥର ମାରାଥନ ଦୌଡ଼ରେ ଯୋଗ ଦେଇଥିଲେ। ଇତି ମଧ୍ୟରେ ରାଜ୍ୟ ଓ ଦେଶ ପାଇଁ ସେ ୫ ଥର ୪୨ କିଲୋ ମିଟର ଦୌଡ଼, ୧୦ ଥର, ୨୨ କିଲୋ ମିଟର ଥରେ ୨୫ କିଲୋ ମିଟର ଓ ୩୨ କିଲୋ ମିଟର ୭ ଥର, ୧୦ କିଲୋ ମିଟର ୫ ଦିନରେ ୧୦୦ କିଲୋ ମିଟର, ଲ ଥରେ ଅଲ୍ଟ୍ରା ବେକିଆଡ଼ ମାରାଥନରେ ୭ ଘଣ୍ଟା ଦୌଡ଼ି ଇତିହାସ ରଚନା କରି ସାରିଛନ୍ତି। ନିଜର ଇଚ୍ଛା ଶକ୍ତି ଆଗରେ ବୟସ ହାର ମାନିଛି। ୪୩ ବର୍ଷ ବୟସରେ ମାରାଥନ ଦୌଡ଼ରୁ ସଫଳତା ଆରମ୍ଭ କରି ଗୋଟିଏ ପରେ ଗୋଟିଏ ସିଡି ଚଢ଼ି ଚାଲିଛନ୍ତି। ବୟସକୁ ନେଇ ସେ କୁହନ୍ତି ମୋବାଇଲ ଥରେ ଚାର୍ଜ କଲେ ଯେପରି ସନ୍ଧ୍ୟା ପର୍ଯ୍ୟନ୍ତ କଥାବାର୍ତ୍ତା କହିହୁଏ, ସେହିପରି ଆମ ଶରୀରକୁ ମଧ ପ୍ରତ୍ୟେକ ଦିନ ରିଚାର୍ଜ କରିବା ଆବଶ୍ୟକତା ଅଛି। ନିଜ ଶରୀର ପାଇଁ ସେ ପ୍ରତ୍ୟେକ ଦିନ




### ବାଧକ ସାଜିଛି ଅର୍ଥାଭାବ

ସକାଳ ୪ ଟାରୁ ନିଜର ଅଭ୍ୟାସ ଜାରି ରଖନ୍ତି। ପରିବାରରେ ବୁଢ଼ା ବାପା ଦୀର୍ଘ ଦିନ ଧରି ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିବା ବେଳେ ମାଆ ମଧ ରୋଗାକ୍ରାନ୍ତ। ନିଜର ଏକ ମାତ୍ର ପୁଅ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସ୍ତ୍ରୀର ସହଯୋଗ ପାଇଁ ଏତେ ବାଟ ଆଗେଇଥିବା ନାରାୟଣ କହିଛନ୍ତି। ପରିବାରର ଆର୍ଥିକ ସମସ୍ୟା, ଦୁଶ୍ଚିନ୍ତାକୁ ଭ୍ରୂକ୍ଷେପ ନ କରି ନିଜର ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି ନାରାୟଣ। ଏକ ବର୍ଷ ମଧ୍ୟରେ ୩୯ ଟି ମାରାଥନରେ ଭାଗ ନେଇ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ନିକଟରେ ମୁମ୍ବାଇର ଟାଟା ଷ୍ଟିଲ ପକ୍ଷରୁ ୪୨ କିଲୋ ମିଟର ଦୌଡ଼ରେ ସଫଳ ହୋଇଛନ୍ତି। କିନ୍ତୁ ଲକ୍ଷ୍ୟ ତାଙ୍କର ଆଇରନ ମ୍ୟାନ ହେବା। ସେଥିପାଇଁ ସେ ନିଜକୁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଅର୍ଥ ସାଜିଛି ବାଧକ। ଲକ୍ଷ୍ୟ ହାସଲ ପାଇଁ ସେ ଆସନ୍ତା ସେପ୍ଟେମ୍ବର ମାସରେ ଗୋଆ ଠାରେ ହେବାକୁ ଥିବା ଆନ୍ତର୍ଜାତୀୟ ଆଇରନ ମ୍ୟାନ ଟାଇଟଲରେ ଭାଗ ନେବାକୁ ମନୋନିତ ହୋଇ ସାରିଛନ୍ତି। ଏହି ଟାଇଟଲ ପାଇଁ ସାତ ଘଣ୍ଟାର ରନିଂ, ସୋଇମିଙ୍ଗ ଓ ସାଇକେଲିଙ୍ଗ ରେ ଭାଗ ନେବେ। ଯଦି ରାଜ୍ୟ ସରକାର ଏହି ଉଦୟମାନ ଯୁବକକୁ ସହଯୋଗର ହାତ ବଢ଼ାନ୍ତି ତେବେ ସେ ନିଶ୍ଚିତ ରୂପେ ରାଜ୍ୟ ତଥା ଦେଶ ପାଇଁ ନାରାୟଣ ଗୌରବାନିତ ହୋଇପାରିବେ ବୋଲି ଜଳେଶ୍ୱର ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି।

**ପାଣି ପାଇଁ ହୀନସ୍ତା**

# ଗରା, ବାଲ୍‌ଟି ରଖି ରାସ୍ତା ଅବରୋଧ କଲେ ମହିଳା

**ତୁରୁମୁଙ୍ଗା,୬ ।୩(ସମିସ)**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁରୁସୁଆଁ ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ ଯୋଗୁଁ ଅସନ୍ତୋଷ ମହିଳାମାନେ ପାନୀୟ ଜଳ ଯୋଗାଣ ଦାବିକରି ବୁଧବାର ସକାଳୁ ରାସ୍ତା ଉପରେ ଗରା, ବାଲ୍‌ଟି, ଇଟା ଓ ପଥର ରଖି ପାଟଣା-ଚମ୍ପୁଆ ରାସ୍ତାକୁ ମୁରୁସୁଆଁ ପଞ୍ଚାୟତ ନିକଟରେ ଅବରୋଧ କରିଥିଲେ। ମଟର ଖରାପ ଯୋଗୁଁ ଦୀର୍ଘଦିନ ହେବ ମୁରୁସୁଆଁ ଗ୍ରାମରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଗ୍ରାମର ଥିବା ନଳକୂପରୁ ଆବଶ୍ୟକ ଅନୁସାରେ ପାଣି ବାହାରୁ ନ ଥିବାରୁ ଗ୍ରାମରେ ବସବାସ କରୁଥିବା ୭୦୦ ରୁ ଊର୍ଦ୍ଧ୍ୱ ଲୋକେ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ଏ ସମ୍ପର୍କରେ ମହିଳାମାନେ ବାରମ୍ବାର ବସୁଧା ହେଲ୍ପ ଲାଇନ ନମ୍ବରରେ ଫୋନ କରି



ଅଭିଯୋଗ କରିବା ସହ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ତୁରନ୍ତ ପାନୀୟଜଳ ଯୋଗାଣ ଦାବି ରେ ମହିଳା ମାନେ ରାସ୍ତାକୁ ଅବରୋଧ କରିଥିଲେ। ରାସ୍ତା ଅବରୋଧ ଯୋଗୁଁ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀ ସମିତି ସଭ୍ୟ ସୁଶୀଲ କୁମାର ସାହୁ ପହଞ୍ଚି ଉତ୍ୟକ୍ତ ମହିଳାଙ୍କ ସହ ଆଲୋଚନା କରି ତିନି ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟା ଦୂର କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ପାଣି ସମସ୍ୟାର ସମାଧାନର ପ୍ରତିଶ୍ରୁତି ମିଳିବା ପରେ ଉତ୍ୟକ୍ତ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ। ପ୍ରତିଶ୍ରୁତି ଅନୁସାରେ ପାନୀୟଜଳ ସମସ୍ୟା ଦୂର ନ ହେଲେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମର ମହିଳା ବିନ୍ଦୁମତି ସାହୁ, ରଙ୍ଗଲତା ସାହୁ, ସ୍ନିଗ୍ଧାରାଣୀ ମହାରଣାଙ୍କ ସମେତ ଅନ୍ୟ ମହିଳାମାନେ ଚେତାବନୀ ଦେଇଛନ୍ତି।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

**ହାଟଡ଼ିହି,୬ ।୩(ସମିସ):** କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ଆନନ୍ଦପୁର-ଭଦ୍ରକ ୫୩ନଂ ରାଜ୍ୟ ରାଜପଥ ଅଣା କେନାଲ ନିକଟରେ ଆଜି ଅପରାହ୍ଣରେ ଗୁହାଳଗଡ଼ିଆ ଗ୍ରାମର ଘନଶ୍ୟାମ ସା(୫୫) ନିଜ ବାଇକ୍ ଯୋଗେ ଛେନାପଦି ଅଭିମୁଖେ ଯାଉଥିବା ସମୟରେ ଅପରପାଶ୍ୱର୍ରୁ ଆସୁଥିବା ଏକ ଟ୍ରାକ୍ଟର ଘନଶ୍ୟାମଙ୍କୁ ଅଣାକେନାଲ ନିକଟରେ ଧକ୍କା ଦେଇଥିଲା। ଫଳରେ ଘନଶ୍ୟାମ ବାଇକରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ନନ୍ଦିପଦା ପୁଲିସ ପହଞ୍ଚି ଗୁରୁତର ଘନଶ୍ୟାମଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ପରେ ନନ୍ଦିପଦା ପୁଲିସ ଟ୍ରାକ୍ଟର ସହ ଡ୍ରାଇଭରକୁ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଥିବାବେଳେ ଖବର ଲେଖିବା ଯାଏଁ ଅପଡେଟ ଖବର ଅନୁସାରେ, ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଘନଶ୍ୟାମଙ୍କ ମୃତ୍ୟୁ ଘଟିଥିବା ନେଇ ଡ଼ାକ୍ତର ଘୋଷଣା କରିଛନ୍ତି।

## ଧାନପେଷା ମେସିନରେ ଚାପିହୋଇ ମହିଳାଙ୍କ ମୃତ୍ୟୁ



**ସୋସୋ/ହାଟଡ଼ିହୀ,୬ ।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମର ବିଜୟ ଖମାରିଙ୍କ ସ୍ତ୍ରୀ ସଂଯୁକ୍ତା ଖମାରୀ (୨୭) ଉଠା ମେସିନରେ ଧାନ ପେଶୁଥିବାବେଳେ ଅସାବଧାନତାବସତଃ ତାଙ୍କ ଶାଢୀକାନି ଓ ଚୁଟି ପଶିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁଘଟିଛି। ବୁଧବାର ଘର ଆଗରେ ପରିବାର ସଦସ୍ୟଙ୍କ ସହିତ ଧାନ ପେଶା ମେସିନରେ ଧାନ ପେଶୁଥିଲେ। ଏଥିରେ ଦୁଇ ଯା ସାମିଲ ହୋଇଥିଲେ। ଦୁଇ ଯା ଚାଉଳ ନେଇ ଘର ଭିତରକୁ ଯାଇଥିବା ସମୟରେ ସଂଯୁକ୍ତା ମେସିନିରେ ଧାନ ପକାଇବା ସହିତ ଚାଉଳ ବାହାରୁଥିବା ଡବାକୁ ଟାଣୁଥିବାବେଳେ ଶାଢୀକାନି ଲାଗିଯିବାରୁ ତାଙ୍କୁ ଟାଣି ନେଇ ତାଙ୍କ ମୁଣ୍ଡ ଚୁଟି ମଟରରେ ଲାଗିଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସୋସୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଚମ୍ପୁଆ ବ୍ଲକ୍‌ରେ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ



**ଚମ୍ପୁଆ,୬ ।୩(ସମିସ):** ଚମ୍ପୁଆ ବ୍ଲକ କାର୍ଯ୍ୟାଳୟରେ ଆଜି ହିତାଧିକାରୀଙ୍କୁ ବିଏସ୍‌କେୱାଇ କାର୍ଡ ବଣ୍ଟନ କରାଯାଇଛି। ବିଡିଓ ରାଜା ରଞ୍ଜୀତ ପ୍ରତାପ ବଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଟୁନୁ ହାଁସଦା, ବ୍ଲକ ଚେୟାରମ୍ୟାନ ସୁରେଶ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଦସ୍ୟା ରମଣୀ ନାଏକ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୭ଟି ପଞ୍ଚାୟତର ୧୮୪ ହିତାଧିକାରୀଙ୍କୁ ବିଏସ୍‌କେୱାଇ କାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟ ହିତାଧିକାରୀ ମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଏହି କାର୍ଡ ପ୍ରଦାନ କରାଯିବ ବୋଲି ଜିପିଓ ଅନୀଲ ମହାନ୍ତ ସୂଚନା ଦେଇଛନ୍ତି।

## ଅନ୍ଧାରିନାଳ ଉପରେ ନୂତନ ସେତୁର ଭିତ୍ତିପ୍ରସ୍ତର



**ସୋସୋ,୬ ।୩(ସମିସ):** ହାଟଡିହି ବ୍ଲକ ପଡିଆରୀପଲ୍ଲି ଗ୍ରାମର ପଢୀଆରିପଲ୍ଲି - ନୂଆ ରଗୁଡ଼ି ରାସ୍ତାର ଅନ୍ଧାରିନାଳ ଉପରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ନୂତନ ପୋଲର ଭତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ଭାଗିରଥି ସେଠୀ। ଏହି ସମୟରେ ସରପଞ୍ଚ ଅଜିତ ରାଉତ, ସମିତିସଭ୍ୟା ସୁକାନ୍ତି ଗିରିଙ୍କ ପ୍ରତିନିଧି ବଳରାମ ଗିରି, ସହକାରୀ ଯନ୍ତ୍ରୀ କରୁଣା କର ନନ୍ଦ, ଯନ୍ତ୍ରୀ କ୍ଷିରୋଦ ବେହେରା, ଆନନ୍ଦ ରାଉତ, ସହଦେବ ଦାସ, ଚକ୍ରଧର ଦାସ, ରମାକାନ୍ତ ସାହୁ, ମନୋଜ ସାହୁ , ଟୁଟୁ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର କରାଯାଇଥିଲା। ଏହା ୨କୋଟି୯୪ଲକ୍ଷଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ସେହି ନାଳରେ ଥିବା ପୁରୁଣା ପୋଲଟି ବର୍ଷା ଦିନରେ ବୁଡି ଯାଉଥିବାରୁ ଯାତାୟତାରେ ବାଧା ସୃଷ୍ଟି ହେଉଥିଲା। ଏହାକୁ ନେଇ ଦାବି ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଥିବାରୁ ସରପଞ୍ଚ ଓ ଗ୍ରାମର ବୃଦ୍ଧିଜୀବୀ ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବେଲବାହାଲି ଅଞ୍ଚଳରେ ପୁଲିସର ହୁଲିଆ ଜାରି



**ବେଲବାହାଲି,୬ ।୩(ସମିସ):** ଆନନ୍ଦପୁର ବ୍ଲକ୍ ବେଲବାହାଲି ଅଞ୍ଚଳରେ ସର୍ବସାଧାରଣରାସ୍ତାକୁ ଜବରଦଖଲ କରିଥିବା ଅବରୋଧକାରୀଙ୍କୁ ଘଷିପୁରା ପୁଲିସ ପକ୍ଷରୁ ସତର୍କତାମୂଳକ ସୂଚନା ଦିଆଯାଇ ହୁଲିଆ ଜାରି କରାଯାଇଛି। ଘଷିପୁରା ଥାନା ଇନ୍ସପେକ୍ଟର ସୁନିଲ କୁମାର କରଙ୍କ ନିର୍ଦ୍ଦେଶରେ ଏକ ଡାକବାଜି ଯନ୍ତ୍ର ଯୋଗେ ଏହି ସତର୍କତାମୂଳକ ସୂଚନା ପ୍ରଦାନ କରାଯାଇଥିବା ଜଣାଯାଇଛି। ବେଲବାହାଲି ବଜାର ସମେତ ଟୋଲଙ୍କପଡ଼ା, ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ଦୀର୍ଘ ଦିନ ଧରି ଘର ତିଆରି ଉପକରଣ ବାଲି, ଇଟା ଚିପ୍ସ ପକାଯାଇଥିବା ଓ ରାସ୍ତା ପାଶ୍ୱର୍ରେ ଦୀର୍ଘଦିନ ଧରି ଅଚଳ ଗାଡି ପକାଇ ରଖିବା ଯୋଗୁ ଏହି ରାସ୍ତାରେ ଯାତାୟାତ କରିବାରେ ବ୍ୟାହାତ ସୃଷ୍ଟି ହେଉଥିଲା। ବେଲବାହାଲିଠାରୁ ହରିଡ଼ାପାଳ ପର୍ଯ୍ୟନ୍ତ ଏହି ଅଣଓସାରିଆ ରାସ୍ତା ଅଞ୍ଚଳବାସୀଙ୍କର ଏକମାତ୍ର ରାସ୍ତା ହୋଇଥିବାରୁ ସଦାସର୍ବଦା ଏହି ରାସ୍ତା ବ୍ୟସ୍ତବହୁଳ ହୋଇଥାଏ। ଏପରି ପରିସ୍ଥିତି ଯୋଗୁ ଅନେକ ସମୟରେ ଝଗଡ଼ା ସୃଷ୍ଟି ହେଉଥିଲା। ପୁଲିସ ଏହି ସମସ୍ୟାର ଆଶୁ ସମାଧାନ ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସର୍ବସାଧାରଣ ରାସ୍ତାରୁ ଏପରି ଅବରୋଧ ହଟା ନ ଗଲେ ପୁଲିସ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିବା ଜଣାଯାଇଛି।

## ପ୍ରବାଦ ପୁରୁଷଙ୍କ ୧୦୮ ତମ ଜୟନ୍ତୀ ପାଳିତ



**ଆନନ୍ଦପୁର,୬ ।୩(ସମିସ):** ଆନନ୍ଦପୁରରେ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ କଚେରି ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ବିଧାୟକ ଭାଗୀରଥି ସେଠୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଯୁବ ବିଜେଡି ନେତା ଇ. ବିଶ୍ୱନାଥ ପ୍ରତାପ ଜେନା, ବିଜେଡି ଯୁବନେତା ଦେବରଞ୍ଜନ ସାହୁ, ସତ୍ୟାନନ୍ଦ ମିଶ୍ର, ବାବନା ପଟ୍ଟନାୟକ, ଛାବୁଲି ଧଳ, ଅକ୍ଷୟ କୁମାର ସାମଲ, ରଞ୍ଜନ ଜେନା, ବିଷ୍ଣୁ ବାରିକ, ନାରାୟଣ ବାରିକ, ରବୀନ୍ଦ୍ର ଜେନା, ନିଳମାଧବ ସାହୁ, ନିରାକାର ଜେନା, ଭରତ କୁମାର ସାମଲ, ଲକ୍ଷ୍ମୀଧର ଜେନା, ରବୀନ୍ଦ୍ର ବାରିକ, ମଦନମୋହନ ବାରିକ, ରବିନାରାୟଣ ହୋତା ପ୍ରମୁଖଙ୍କ ସହ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ଆନନ୍ଦପୁର,୬ ।୩(ସମିସ):** ଘଷିପୁରା ବ୍ଲକ୍ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟ ଦେଓଗାଁ ପରିସରରେ ଚଳିତ ୨୦୨୩-୨୪ ଶିକ୍ଷାବର୍ଷର ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନାମ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମସ୍ତ ଗୁରୁଜୀ, ଗୁରୁମାମାନେ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଉଦେଶ୍ୟରେ ଆର୍ଶୀବଚନ ପ୍ରଦାନପୂର୍ବକ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ବିଦାୟକାଳୀନ ସଭାରେ ବିଦ୍ୟାଳୟରେ ଶିଶୁ ପରିଚୟ ଶ୍ରେଣୀଠାରୁ ଅଦ୍ୟାବଧି ସେମାନଙ୍କର ଅନୁଭୂତି ତଥା ଗୁରୁଜୀ ଓ ଗୁରୁମା ମାନଙ୍କର ଶିକ୍ଷାଦାନ ପ୍ରଣାଳୀ ଓ ସେମାନଙ୍କ ପ୍ରତି ଆଚରଣ ଓ ସହାନୁଭୂତି ସମ୍ପର୍କରେ ଅଭିଭାଷଣ ରଖିଥିଲେ।

## ପଢ଼ିଆରିପଲ୍ଲୀରେ ଅଷ୍ଟପ୍ରହରୀ ନାମଯଜ୍ଞ



**ସୋସୋ,୬ ।୩(ସମିସ):** ହାଟଡ଼ିହି ବ୍ଲକ୍ ପଡିଆରିପଲ୍ଲୀ ତଳସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ ହୋଇଯାଇଛି। ଏଥିରେ ଅମୂଲ୍ୟ ରାଉତ, ସନ୍ତୋଷ ଶତପଥୀ, ମନରଞ୍ଜନ ଶତପଥୀ, ବଣ୍ଟି ରାଉତ, ରଘୁନାଥ ଜେନା, ଗଣେଶ ରାଉତ, ନିରଞ୍ଜନ ଶତପଥୀ, ରମେଶଚନ୍ଦ୍ର ଜେନା ପ୍ରମୁଖ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୫ତାରିଖ ନାମକୀର୍ତ୍ତନ କରାଯାଇଥିଲା। ୬ତାରିଖରେ ନଗରକୀର୍ତ୍ତନ କରାଯାଇ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଇଥିଲା। ଗ୍ରାମର ନବଘନ ଜେନା, ସୁରେନ୍ଦ୍ର ଜେନା, ଅନାମ ରାଉତ, ଅଶୋକ ରାଉତ, ଅଜୟ ରାଉତ, କଳ୍ପତରୁ ଜେନା, ଗଙ୍ଗାଧର ଜେନା, ଗୌରା ଜେନା, ପାକୁଆ ଜେନା ସମେତ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଟାଙ୍ଗରପଡ଼ାରେ ନାରୀ ଶକ୍ତି ବନ୍ଦନ

**ପାଟଣା,୬ ।୩(ସମିସ):** ପାଟଣା ବ୍ଲକ୍ ଟାଙ୍ଗରପଡ଼ାରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା ପ୍ରସାରଣ କରାଯିବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ବାର୍ତ୍ତା ଉପସ୍ଥିତ ମହିଳାଙ୍କ ଅବଗତି ନିମନ୍ତେ ପ୍ରସାରିତ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମର ଅଧିକାରୀ ହରିହର ମହାନ୍ତ, ପ୍ରହ୍ଲାଦ କୁମାର ପଲେଇ, ଟାଙ୍ଗରପଡା ସରପଞ୍ଚ ଅନିରୁଦ୍ଧ ନାଏକ, ନାରୀ ନେତ୍ରୀ ସୋମବାରୀ ମୁଣ୍ଡାଙ୍କ ସମେତ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ।

## କଂଗ୍ରେସର ମିଶ୍ରଣ ପର୍ବ

**ସୋସୋ,୬ ।୩(ସମିସ):** ହାଟଡିହି ବ୍ଲକ ଅକାରୁଆ ପଞ୍ଚାୟତର ଆନନ୍ଦ ଚନ୍ଦ୍ର ଖଟୁଆଙ୍କ ସଭାପତିତ୍ୱରେ ୪ଶହରୁ ଊର୍ଦ୍ଧ୍ୱ ଅନ୍ୟ ଦଳ ଛାଡି କଂଗ୍ରେର ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିପିସି ସଭାପତି ଜୟଦେବା ଯୋଗ ଦେଇ ଥିବାବେଳେ ଆନନ୍ଦପୁର ମ୍ୟୁନ୍ୟସିପାଲଟିର ସଭାପତି ହାଡିବନ୍ଧୁ ଖୁଟିଆ , ହାଟଡିହି ବ୍ଲକ ଯୁବ ସଭାପତି ମାନସ ଜେନା , ଅନୁସୁଚିତ ଜାତି ସଭାପତି ପ୍ରବିଣ ଜେନା, କୃଷି ବିଭାଗର ସଭାପତି ସତ୍ୟବ୍ରତ ଜେନାଙ୍କ ଉପସ୍ଥିତିରେ ଅନ୍ୟ ଦଳ ଛାଡି ଆସିଥିବା କର୍ମିମାନଙ୍କୁ ସ୍ୱାଗତ କରି ଦଳରେ ସାମିଲ କରିଥିଲେ।

## ପ୍ରଥମ ଚାଲେଞ୍ଜର ରାତ୍ରିକାଳୀନ କ୍ରିକେଟ୍ ପ୍ରତିଯୋଗିତା

**ଚମ୍ପୁଆ,୬ ।୩(ସମିସ):** ଚମ୍ପୁଆ ନେହରୁ ଷ୍ଟାଡିୟମଠାରେ ପ୍ରଥମ ଚାଲେଞ୍ଜର ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଚମ୍ପୁଆ ଏନ୍‌ଏସି ଉପାଧକ୍ଷା ସୁମିତ୍ରା ବେହେରା ଓ ଯୁବ ସମାଜସେବୀ ସୁବାସ ରାମ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଚମ୍ପୁଆ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ୬ ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ୨୪ ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଡବ୍ଲୁବିଫ୍ରେଣ୍ଡସ୍ ଏକାଦଶ ଏବଂ ଏମ୍‌ଜି ସ୍ପୋର୍ଟି ଚମ୍ପୁଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ରାତ୍ରରେ ୮ ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବାବେଳେ ଏହି ଖେଳକୁ ଅମ୍ପାୟାର ଭାବେ ସୌମ୍ୟରଞ୍ଜନ ରଣା ଓ ଶୁସାନ୍ତ କୁମାର ପଣ୍ଡା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଚାମ୍ପିଅନ ଦଳକୁ ୭୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଦଳ ପାଇଁ ୫୦ ହଜାର ଟଙ୍କା ଓ ଟ୍ରଫି ପୁରସ୍କାର ବାବଦରେ ତୃତୀୟ ଓ ଚତୁର୍ଥ ଦଳକୁ ପୁରସ୍କୃତ କରାଯିବ ବୋଲି ସଭାପତି ଅରୁଣ ପତି ସୂଚନା ଦେଇଛନ୍ତି। ଏହି ଖେଳକୁ ଭାସ୍ୟକାର



ଭାବେ ମୋନାଜିର ଜାକି ଓ ସାହାନୁଆଜ ପରିଚାଳନା କରିଥିଲେ। କମିଟି ସଦସ୍ୟ ଖାନ, ଚନ୍ଦନ, ମୁର୍ସଲିନ, ପାର୍ଥୋ, ଆଶିକ, ସାହିଲ, ହାପିଜ, ବିଜୁ ଏବଂ ଲକ୍ଷ୍ମଣ ପ୍ରମୁଖ ସହଯୋଗ କରିଥିଲେ।

# ଖବର ପ୍ରକାଶ ପରେ ଲାଗିଲା ସୂଚନାଫଳକ

**ବାଲିବନ୍ଧ,୬ ।୩(ସମିସ)**

ବିନାସୂଚନା ଫଳକରେ କାମ ଚାଲିଥିବା ଘଟଣା ସକାଳ ଖବର କାଗଜରେ ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ଚେତା ପସିଲା। ଅଧିକାରୀ ରାତିଅଧିଆ ସୂଚନାଫଳକ ଲଗାଯାଇଥିବା ଦେଖିବାକୁ ମିଳିଛି। ଝୁମ୍ପୁରା ବ୍ଲକ ମୁଖ୍ୟାଳୟ ଝୁମ୍ପୁରା ପଞ୍ଚାୟତର ୧୧ ନମ୍ବର ଓାର୍ଡରେ ଏକ ଉନ୍ନତମାନର ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ସେହି ନୂତନ ବସ୍‌ଷ୍ଟାଣ୍ଡକୁ ବସ୍ ଯିବା ଆସିବା ନିମନ୍ତେ ପୂର୍ତ୍ତବିଭାଗ ତତ୍ତ୍ୱାବଧାନରେ ଝୁମ୍ପୁରା ଆରଆଇ ଅଫିସ ସମ୍ମୁଖ ପିଡବ୍ଲ୍ୟୁଡି ରାସ୍ତାଠାରୁ ନୂତନ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ସଡ଼କ ନିର୍ମାଣ ଚାଲିଛି। ସଡ଼କ ନିର୍ମାଣ ପାଖାପାଖି ଅଧା କାର୍ଯ୍ୟ ସରିବାକୁ ବସିଲାଣି ହେଲେ ସୂଚନାଫଳକ ଲାଗି ନ ଥିଲା। ବିନା ସୂଚନା ଫଳକ ଓ ନିମ୍ନମାନର ରାସ୍ତା ଢଳେଇ କାମ ଚାଲିଥିବାରୁ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରି ଆସୁଛନ୍ତି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି




ହୋଇଥିଲା। ରାସ୍ତା ନିର୍ମାଣ ନିମନ୍ତେ ଠିକାସଂସ୍ଥା ବ୍ୟବହାର କରୁଥିବା ଆବଶ୍ୟକୀୟ ସାମଗ୍ରୀ ସବୁ ନିମ୍ନମାନର ବୋଲି ବସ୍ତିବାସିନ୍ଦା ଅଭିଯୋଗ କରି ନିର୍ମାଣ କାମବନ୍ଦ କରିଥିଲେ। ଏନେଇ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ନିମ୍ନମାନର ସାମଗ୍ରୀ ଦେଖି ଠିକାସଂସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଭଲ ସାମଗ୍ରୀ ବ୍ୟବହାର କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଲଗାଯାଇଥିବା ସୂଚନା ଫଳକ ଦର୍ଶାଉଛି ଯେ, ନିର୍ମାଣାଧୀନ ରାସ୍ତାଟି ଜିଲ୍ଲା ଖଣିଜ ପ୍ରତିଷ୍ଠାନ, କେନ୍ଦୁଝର ପକ୍ଷରୁ ଅନୁଦାନ ପ୍ରଦାନ କରାଯାଇଛି। ପ୍ରକଳ୍ପର ଆକଳନ ମୂଲ୍ୟ ୧କୋଟି ୪୯ଲକ୍ଷ ୪୮ହଜାର ୯୧୨ଟଙ୍କା। ୨୦୨୩ ସେପ୍ଟେମ୍ବର୨୯ରୁ ଆରମ୍ଭ ହୋଇ ୨୦୨୪ ମାର୍ଚ୍ଚ ୨୭ତାରିଖରେ ଶେଷ ହେବାର ଅବଧି ଧାର୍ଯ୍ୟ ହୋଇଛି। ରାସ୍ତା ନିର୍ମାଣ ଅବଧି ଶେଷ ହେବାକୁ ମାତ୍ର ଆଉ ୨୧ଦିନ ଥିବା ବେଳେ , ରାସ୍ତା ନିର୍ମାଣ କାମ ଅଧା ହୋଇଛି। ତେବେ କିପରି ଭାବେ ଧାର୍ଯ୍ୟ ଅବଧି ମଧ୍ୟରେ ରାସ୍ତାକାମ ଶେଷହେବ ସେ ନେଇ ସନ୍ଦେହ ରହୁଛି। ଏନେଇ ପୂର୍ତ୍ତବିଭାଗ ଯନ୍ତ୍ରୀ ନିହାର ରଞ୍ଜନ ନାଏକଙ୍କ ମତାମତ ଲୋଡିବାରୁ ସମସ୍ତ ଘଟଣାକୁ ଏଡ଼ାଇ ଯାଇ ଆଉଥରେ ସୂଚନାଫଳକ ଲେଖିଦେବା ବୋଲି କହିଥିଲେ।

